


RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE
ଅକ୍ଟୋବର ୨୦୧୬
ମୂଲ୍ୟ : ୨୫ ଟଙ୍କା





ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :

ଡ. [illegible]

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦ୍ୱିତୀୟ ବର୍ଷର ସପ୍ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ..........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ .......
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଉ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଷା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-2, October 2016, Issue No. VII
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
କାର୍ଯ୍ୟକାରୀ ସମ୍ପାଦିକା:
**ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

- **ଏଇ ତ ଜୀବନ**
  ଅନ୍ନପୂର୍ଣ୍ଣା ସାହୁ ୭
- **ବଖରାଏ ଘର**
  ତପନ କୁମାର ସ୍ୱାଇଁ ୧୧
- **ନରାଧମ**
  ଜୟନ୍ତୀ ବାରିକ ୧୪
- **ଅନୁତପ୍ତ ନିଆଁରେ ଚିତ୍କେଇ**
  ବନଲତା ସିଂହ ୧୬
- **ଅଶୁଭ ସପ୍ନ**
  ଗୀତାଞ୍ଜଳୀ ନାୟକ ୧୯
- **ମାଉଁସ**
  ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର ୨୩
- **ଆଲୋଚନା : ଯାତ୍ରା ଜଦମ୍ଭ ଓ ଶ୍ରୀ ଜଗନ୍ନାଥ**
  ଡଃ. ପ୍ରଦୀପ କୁମାର ଦାସ ୨୬
- **ଦହନ**
  ଶ୍ରୀ ସୁଧୀର କୁମାର ୩୧

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................................

ଜିଲ୍ଲା.................................................................. ପିନ୍‌କୋର୍ଡ୍ ..............................

ମୋବାଇଲ୍ ନମ୍ବର .............................................. ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଏଇତ ଜୀବନ

ଅନ୍ନପୂର୍ଣ୍ଣା ସାହୁ

ଆଜି କାହିଁକି ସକାଳୁ ସକାଳୁ ମୋର ପିଲାଦିନର କଥାଗୁଡ଼ାକ ଭାରି ମନେ ପଡ଼ୁଛି । ମୋ ଗାଁର ସବୁଜ ବନାନୀ, ନୂଆଣିଆ ମାଟି ଚାଳଘର, ଅଙ୍କାବଙ୍କା କଚାରାସ୍ତା, ଆମ୍ବତୋଟା, ନଈକୂଳ, ମନ୍ଦିର, ମଠ, ଗାଁ ଦାଣ୍ଡ ବରଗଛରେ ସାଙ୍ଗସାଥୀଙ୍କ ସହ ଦୋଳିଖେଳ, ରଜ ପୋଡ଼ପିଠା, ଦୋଳ, ଦଶହରା, ଭୋଜିଭାତ ସବୁ କିଛି, ରୂପେଲି ପରଦାରେ ଚିତ୍ରପଟ ଭଳି ଆଖିଆଗରେ ଭାସି ଯାଉଛି । ବେଶୀ ମନେ ପଡ଼ୁଛି ବୋଉ ହାତର ସୁଆଦିଆ ରନ୍ଧଣା କଥା, ନାନାଜାତିର ପିଠାପଣା ସଜ ପଖାଳକୁ ଶୁଖୁଆ ଭଜା, ପୋଇ ଚୁଙ୍ଗୁଡ଼ି ରାଇ, ମାଛ-ଆମ୍ବୁଲ ଝୋଳ ଓ ବଡ଼ିଚୁରା କଥା ମନେ ପଡ଼ିଲେ ପାଟିରୁ ଆପେ ଆପେ ଲାଳ ଗଡ଼ି ଯାଉଛି । ଆତ୍ମୀୟସ୍ୱଜନଙ୍କ ସ୍ନେହ ବୋଳା କଥା କାନ ପାଖରେ ଗୁଞ୍ଜରିତ ହେଉଛି ।

ମୋତେ କିନ୍ତୁ ଗାଁ ସୁଖ ବେଶିଦିନ ମିଳିନଥିଲା । ଅନିଚ୍ଛା ସତ୍ତ୍ୱେ ମୁଁ ପିଲାଦିନୁ ବାପାଙ୍କ ସହିତ କଟକ ସହରକୁ ଚାଲି ଆସିଲି ବାପାଙ୍କର ସେମିତି କିଛି ଜମିବାଡ଼ି ଗାଁଆରେ ନଥିଲା । ଚଳିବାକୁ ହଇରାଣ ହରକତ ହେଉଥିଲେ । ତା'ଛଡ଼ା ତାଙ୍କର ବହୁତ ଇଚ୍ଛାଥିଲା ମୋତେ ଭଲସ୍କୁଲରେ ପାଠପଢ଼ାଇ ବଡ଼ ବାବୁଟିଏ କରିବେ । କାରଣ ସେ ମୁର୍ଖଥିବାରୁ ବହୁ କଷ୍ଟକରି ମଧ୍ୟ ଗୁଜୁରାଣ ମେଣ୍ଟାଇ ପାରୁନଥିଲେ । ସେ ଚାହୁଁନଥିଲେ ମୁଁ ତାଙ୍କ ଭଳି ଖରାବର୍ଷାରେ ନ ଖଟି ଛାଇତଳେ ବସି କଲମ ଚଷି ହାକିମ ଭଳି ଭଲରେ ଚଳେ । ପ୍ରଥମେ ସେ ରାସ୍ତାକଡ଼ରେ ଗୋଟିଏ ଝୁମ୍ପୁଡ଼ି ଘର କରି ରହିଲେ । ତା'ପରେ ଦହିବରା ବ୍ୟବସାୟ ଆରମ୍ଭ କଲେ । ସ୍କୁଲ ପାଖରେ ମୁଣ୍ଡରେ ମୁଣ୍ଡାଇ ନେଇ ଦହିବରା ବିକିଲେ । ଧିରେ ଧିରେ ବେପାର ଖୁବ୍ ଚାଲିଲା । ସେ ଠେଲାଗାଡ଼ିଟିରେ ଦହିବରା, ଆଳୁଦମ୍ ଓ ଘୁଗୁନି ନେଇ ବିକିଲେ । ତାଙ୍କ ହାତ ତିଆରି ଜିନିଷଗୁଡ଼ିକ ଖୁବ୍ ଲୋକ ପ୍ରିୟ ହେଲା । ରୋଜଗାର ବି ଦିନକୁ ଦିନ ବଢ଼ିବାକୁ ଲାଗିଲା । ମୋ ବୋଉ ମଧ୍ୟ ତାଙ୍କୁ ସବୁକାମରେ ସାହାଯ୍ୟ କଲେ । ଛାତଘରଟିଏ ଭଡ଼ାନେଇ ଶାନ୍ତିରେ ରହିଲେ । ମୋତେ ଭଲ ଇଂରାଜୀ ମାଧ୍ୟମ ସ୍କୁଲରେ ପାଠ ପଢ଼ାଇଲେ । ଭଲ ଟିଉସନଟିଏ ମଧ୍ୟ ଯୋଗାଡ଼ କରିଦେଲେ । ବାବୁଭାୟା ପିଲାମାନଙ୍କ ସହିତ ତାଙ୍କ ପୁଅ ଜାମାଯୋଡ଼ ହୋଇ ସ୍କୁଲବସରେ ଗଲାବେଳେ ସେ ଆନନ୍ଦରେ ଚାହିଁରହିଥାନ୍ତି । ମୁଁ ମଧ୍ୟ ବାପା ମା'ଙ୍କୁ ଭାରି ଭଲପାଏ ମନଦେଇ ପାଠପଢ଼େ । କେବେ କୌଣସି ଜିନିଷରେ ବାପା ମୋର ଅଭାବ କରି ନାହାଁନ୍ତି । ବାର୍ଷିକ ପରୀକ୍ଷା ଫଳ ବାହାରିଲା । ମୁଁ ପ୍ରଥମ ହେଲି । ସେଦିନ ବାପାଙ୍କର ଆନନ୍ଦ କହିଲେ ନସରେ । ମା ମନ୍ଦିରକୁ ଯାଇ କେତେ ଠାକୁରଙ୍କୁ ପୂଜା କଲେ । ମୋ ଖୁସି ପାଇଁ ବାପା ନୂଆ ସାଇକେଲ୍‌ଟେ କିଣିଦେଲେ । କିଛି ବର୍ଷ ସୁଖରେ ବିତିଗଲା । ଠେଲାଗାଡ଼ିରୁ ବାପା ହୋଟେଲଟିଏ କଲେ । ଆଉ ପଇସାର ଅଭାବ ରହିଲା ନାହିଁ । କିନ୍ତୁ ଏ ସୁଖ ବେଶିଦିନ ରହିଲା ନାହିଁ । ଦିନେ ସ୍କୁଲ୍‌ରୁ ଫେରି ଦେଖେ ତ ଆମଘର ଆଗରେ ବହୁତ ଲୋକ ଜମା ହୋଇଛନ୍ତି । ମୋ ମା ବଡ଼ ପାଟିରେ କାନ୍ଦୁଛି । ଘର ଭିତରେ ଦେଖେତ ବାପା ରକ୍ତ ଜୁଡୁବୁଡୁ ହୋଇ ଆଖିକାଢ଼ି କାଠଭଳି ଚାହିଁ ରହିଛନ୍ତି । ସେ ଟ୍ରକ୍ ଧକ୍କାରେ ଆମକୁ ଛାଡ଼ି ସବୁଦିନ ପାଇଁ ଚାଲିଗଲେ । ମୋତେ ଚାରିଆଡ଼ ଅନ୍ଧାର ଦେଖାଗଲା, ମୁଁ ଖୁବ୍ କାନ୍ଦିଲି । ମୁଣ୍ଡଉପରୁ ଆକାଶ ଛିଣ୍ଡି ପଡ଼ିଲା । ମା ମୋତେ କୋଳେଇ ନେଇ ପଣତରେ ଲୁହ ପୋଛିଦେଇ କହିଲେ ବାପାରେ ତୁ ଏତେ ଅଧୈର୍ଯ୍ୟ ହୁଅନାହିଁ । ଘୋଡ଼ାଚଢ଼ା ବାପାସିନା ଚାଲିଗଲେ, ମୁଁ ତୋର ଧାନକୁଟା ମା'ଟିଏ ଅଛି । ତୋତେ ପାଢ଼ପଢ଼ାଇବି ତୁ

ବାପାଙ୍କର ଇଚ୍ଛା ନିଶ୍ଚୟ ପୂରଣ କରିବୁ । ମୋ ପାଇଁ ମା ବହୁତ କଷ୍ଟ କରିଛନ୍ତି । ବସି ଖାଇଲେ ନଈବାଲି ସରେ । ମା'ଅଣ୍ଟା ଭିଡ଼ି କାମକୁ ବାହାରିପଡ଼ିଲେ । ମୋ ପଢ଼ା ପାଇଁ ଦିନକୁ ଦିନ ଅଧିକ ଖର୍ଚ୍ଚ ଦରକାର ହେଲା ମା' ସିଲେଇ କଲେ, ପରଘରେ ପାଇଟି କଲେ । ଖାଇବା ପିଇବାର ଠିକ୍ ଠିକଣା ରହିଲା ନାହିଁ । ଆସ୍ତେ ଆସ୍ତେ ରୋଗ ମାଡ଼ିବସିଲା । ସେବା ଯତ୍ନର ଅଭାବରେ ଅକାଳ ବିୟୋଗ ହେଲା । ମୁଁ ହୋଇଗଲି ବେସାହାରା । କଅଁଳ ବୟସ ଚପଳମତି ବୁଝି ପାରିନଥିଲି, ଦୁନିଆର ହାଲ୍‌ଚାଲ୍ ବାପା ମଲାପରେ ଆକାଶ ଛିଣ୍ଡି ପଡ଼ିଥିଲା, ଏବେ ମା' ମଲାପରେ ଗୋଡ଼ ତଳୁ ମାଟିଖସିଗଲା । ପଇସାର ଘୋର ଅଭାବ ପଡ଼ିଲା ବସ୍‌ଭଡ଼ା, ଟିଉସନ ଫିସ୍, ସ୍କୁଲ୍ ଦରମା, ଘରଭଡ଼ା କେଉଁଠୁ ବା ଏତେ ପଇସା ପାଇବି, ବାଧହୋଇ ପାଠପଢ଼ା ଛାଡ଼ିଦେଲି । କିନ୍ତୁ ମୋ ମନ ସବୁବେଳେ ଆଉଟୁ ପାଉଟୁ ହେଉଥାଏ କେମିତି ପଢ଼ିବାର ସୁଯୋଗ ପାଆନ୍ତି କି, ପିଲାମାନେ ସ୍କୁଲ ଗଲାବେଳେ ମୋର ଛାତି ଫାଟିପଡ଼େ । ଆପେ ଆପେ ଆଖିରୁ ଲୁହ ଝରିପଡ଼େ । ଯାହାକିଛି ପଇସା ଥିଲା ସବୁ ସରିଗଲା । ଭୋକରେ ପେଟ ଜଳୁଥାଏ । ଯେଉଁ ଦୋକାନରୁ ଅନେକ ଜିନିଷ କିଣି ଖାଉଥିଲି ସେହି ଦୋକାନ ମଉସାଙ୍କୁ ଖାଇବାକୁ ମାଗିଲି । ସେ ମୋତେ ଖାଇବାକୁ ଦେଲେ ଓ ତାଙ୍କ ଘରେ ରହିବାକୁ କହିଲେ । କିଛିଦିନ ତାଙ୍କ ଘରେ ରହିବା ପରେ ମଉସା କହିଲେ ପୁଅରେ ତୁ ସେ ପାଠପଢ଼ା ଛାଡ଼ି ବେକାର ବୁଲିବା ଅପେକ୍ଷା ମୋର ଦୋକାନରେ ଟିକିଏ ସାହାଯ୍ୟ କର । ତୋର ଆଉ କିଏବା ଅଛି । ଏଣିକି ନିଜପେଟ ପାଇଁ ନିଜେ ଚିନ୍ତାକର । ମଉସାଙ୍କ କଥା ମୋ ମନକୁ ପାଇଲା ମୋତେ ବି ମାଗି ଖାଇବାକୁ ଭଲ ଲାଗୁନଥିଲା । ସେ ଯାହା କାମ ବତାଇଲେ କଲି । ଶେଷରେ ଘର କାମଠାରୁ ଦୋକାନ କାମ ପର୍ଯ୍ୟନ୍ତ ଅନେକ କାମ ମୋ ହାତରେ କରାଇଲେ । ଦେହ ମୁଣ୍ଡର ଯତ୍ନ ନେଲେ ନାହିଁ, ଥରେ ମୋର ଜଙ୍ଘଠାରୁ ଗୋଡ଼ପର୍ଯ୍ୟନ୍ତ ଚା ଢାଳି ପୋଡ଼ିଗଲା, ବହୁତ ଯନ୍ତ୍ରଣା ହେଲା, ଟିକେ ଔଷଧ କି ମଲମ ଦେଲେ ନାହିଁ । କାମ କରି ନପାରିବାରୁ ଘରୁ ବାହାର କରିଦେଲେ । ମୋର ଗୋଟିଏ ଭଲ ସାଙ୍ଗ ମୋ ଦୁଃଖ ଦେଖି ମଲମଟିଏ ଆଣି ଦେଲା ଓ କିଛି ପଇସା ଦେଲା । ଗୋଡ଼ଭଲ ହେବାପରେ ଗୋଟିଏ ହୋଟେଲ ବୁଝି ବାସନ ଧୁଆ ଓ ଘରସଫା କରିବା ପାଇଁ ରହିଲି । ସେ ହୋଟେଲ ମାଲିକ ଭାରି କଡ଼ାଲୋକ । ଚାକରଙ୍କୁ ଠିକ୍ ଭାବେ ଖାଇବାକୁ ଦିଅନ୍ତି ନାହିଁ । କାମପରେ କାମ ବଢେଇ ଥାନ୍ତି । ଯେତେ କାମ କଲେ ବି ସନ୍ତୁଷ୍ଟ ହୁଅନ୍ତି ନାହିଁ । ସକାଳ ଛ'ଟାରୁ ରାତି ବାରଟା ପର୍ଯ୍ୟନ୍ତ ଖଟାନ୍ତି । ହାଲିଆ ହୋଇ ଟିକେ ଘୁମାଇ ପଡ଼ିଲେ ନିଆଁଚେଙ୍କ ମାଡ଼ି ଦିଅନ୍ତି । ଲୁଗାପଟା ସଫା କରିବା ପାଇଁ ସାବୁନ୍ କିମ୍ବା ଦେହ ମୁଣ୍ଡରେ ଲଗାଇବା ପାଇଁ ତେଲ ଟିକିଏ ଦିଅନ୍ତି ନାହିଁ । ଭୋକ ସମ୍ଭାଳି ନ ପାରି ବାବୁମାନେ ପ୍ଲେଟ୍‌ରେ ଛାଡ଼ିଥିବା ଅଇଁଠାକୁ ଏଣିକି ତେଣିକି ଅନାଇ ଖାଇଦିଏ । ଥରେ ତାଙ୍କର କିଏ ପଇସା ଚୋରିକଲା, ମୋତେ ଧମକାଇ ବିନା ଦୋଷରେ ଖୁବ୍ ପିଟିଲେ । ମୁଁ ମନେ ମନେ ରାଗିଯାଇ କିଭଳି ସେ ହୋଟେଲରୁ ବାହାରିବି ଚିନ୍ତା କଲି, କିନ୍ତୁ ମାଲିକର କଡ଼ା ନଜରରୁ ବାହାରିବା କାଠିକର ପାଠ । ଦିନେ ସୁଯୋଗ ଭଣ୍ଡି ମାଲିକ ନଥିବା ସମୟରେ ଖସି ପଳାଇ ଆସିଲି, ବାଟ ତ ଜଣା ନାହିଁ ଯିବି କୁଆଡ଼େ । ସିଧା ରାସ୍ତାରେ ପ୍ରାଣମୂର୍ଚ୍ଛା ଦଉଡ଼ିଲି । ଶେଷରେ ତଣ୍ଟି ଶୁଖି ଯାଉଥାଏ । ଗୋଡ଼ ଆଉ ଚଲୁନଥାଏ, ଥକ୍କା ମାରି ବସି ପଡ଼ିଲି । ଦେଖିଲି ଗୋଟିଏ ଘରୁ ଜଣେ ପୌଢ଼ା ସ୍ତ୍ରୀଲୋକ ବାହାରକୁ ଆସୁଛନ୍ତି । ବିକଳ ହୋଇ ତାଙ୍କୁ ପାଣି ଟୋପାଏ ମାଗିଲି । ସେ ବିଚରା ମୋର ଏଭଳି ଝାଳନାଳ ଅବସ୍ଥା ଦେଖି ମୋତେ ଘରକୁ ଡାକି ନେଇ ଖାଇବାକୁ ପିଇବାକୁ ଦେଲେ ଓ ମୋ ବିଷୟରେ ଅନେକ କଥା ପଚାରିଲେ । ମୋର କେହି ନାହିଁ ବାପା ମା ଛେଉଣ୍ଡ ପିଲାଟିଏ ଜାଣି ତାଙ୍କ ହୃଦୟରେ ମୋ ପାଇଁ ବାତ୍ସଲ୍ୟ ମମତା ଜାଗ୍ରତ ହେଲା । ସେ ମୋତେ ତାଙ୍କ ଘରେ ସବୁଦିନ ପାଇଁ ପୁଅଭଳି ରଖିବେ ବୋଲି ପ୍ରତିଶ୍ରୁତି ଦେଲେ । ମୁଁ ମଧ୍ୟ ମାଆ ବଦଳରେ ମାଆଟିଏ

ପାଇ ଭଗବାନଙ୍କୁ କୃତଜ୍ଞତା ଜଣାଇଲି । ମୋର ପାଠ ପଢ଼ିବାର ଆଗ୍ରହ ଦେଖି ମାଉସୀ ଗାଁଆ ସ୍କୁଲରେ ମୋର ନାମ ଲେଖାଇ ଦେଲେ । ମୋ ଭଳି ମାଉସୀ ମଧ୍ୟ ନିଃସଙ୍ଗ ଜୀବନ ବିତାଉଥିଲେ । ମାଉସୀ ତାଙ୍କ ଏକମାତ୍ର କନ୍ୟାକୁ ବିଭା ଦେବା ଅଳ୍ପଦିନ ପରେ ମଉସା ପ୍ରାଣ ତ୍ୟାଗ କଲେ । ସେ ମଧ୍ୟ ସାଥୀଟିଏ ଖୋଜୁଥିଲେ । ମଣିକାଞ୍ଚନ ସଂଯୋଗ ହେଲା । ମୁଁ ମାଉସୀଙ୍କର ସବୁକଥା ମାନେ ଓ ସବୁକାମରେ ସାହାଯ୍ୟ କରେ । ମାଉସୀ ମୋତେ କ୍ଷଣେ ନ ଦେଖିଲେ ବ୍ୟସ୍ତ ହୋଇ ପଡ଼ନ୍ତି । ମୋତେ ସାଙ୍ଗରେ ନ ଖୋଇଲେ ଖାଆନ୍ତି ନାହିଁ । ମୁଁ ବି.ଏ. ବିଇଡ଼ି ସାରି ଗାଁ ସ୍କୁଲରେ ଶିକ୍ଷକତା କଲି । ଦୁଇଓଳି ଟିଉସନ ମଧ୍ୟ କଲି । କିଛି ପଇସା ସଞ୍ଚୟ କଲି । ଦିନେ ମାଉସୀଙ୍କୁ ମୋ ମନକଥା ଜଣାଇଲି । ମୁଁ ଗୋଟିଏ ଅନାଥଆଶ୍ରମ କରି ମୋ ଭଳି ଅନାଥ ପିଲାଙ୍କୁ ଦୁନିଆରେ ମଣିଷପରି ମଣିଷ କରି ଠିଆକରାଇବି । ମାଉସୀ ଖୁସି ହୋଇ କହିଲେ ପୁଅରେ ମୁଁ ମଧ୍ୟ ଜୀବନରେ କିଛି ଗୋଟିଏ ଭଲ କାମ କରିବାକୁ ଚାହୁଁଥିଲି । ତୋର ପ୍ରସ୍ତାବ ମୋ ମନକୁ ବେଶ୍ ପାଉଛି । ମୋ ଝିଅ ତ ଆମେରିକାରେ ରହିଲାଣି । ତା'ର ବା କ'ଣ ଦରକାର । ମୋର ଘରବାରି ସବୁ ଅନାଥଆଶ୍ରମ ନାଁରେ କରିଦେବି । ତୁ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କର । ମୁଁ ମଧ୍ୟ ତୋତେ ପରିଚାଳନା କାମରେ ସାହାଯ୍ୟ କରିବି । ଦୟାଶୀଳା, ଉଦାରହୃଦୟା ମାଉସୀଙ୍କର ପ୍ରେରଣାରେ ଅନାଥ ଆଶ୍ରମ ଆଗେଇ ଚାଲିଲା ।ପ୍ରଥମେ ଦଶଟି ପିଲା ଆଶ୍ରମରେ ଯୋଗ ଦେଲେ । ମାଉସୀ ପିଲାମାନଙ୍କ ସହିତ ଆନନ୍ଦରେ ସମୟ କଟାନ୍ତି । ସେମାନଙ୍କୁ ପ୍ରାର୍ଥନା ବୋଲାନ୍ତି । ରାମାୟଣ, ମହାଭାରତ, ଧ୍ରୁବ, ପ୍ରହଲ୍ଲାଦ ଗପ କହି ନୀତିଶିକ୍ଷା ଦିଅନ୍ତି । ମୁଁ ନିଜେ ସେମାନଙ୍କୁ ରାନ୍ଧିବାଢ଼ି ଖାଇବାକୁ ଦିଏ ଓ ଜାମାପଟା ସଫା କରିଦିଏ । ପ୍ରଥମେ ପ୍ରଥମେ ଟିକେ ପଇସାର ଅଭାବ ଥିଲା ଆଶ୍ରମର ପରିବେଶ ବେଶ୍ ଚିତ୍ତାକର୍ଷକ ଥିଲା । ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ବଗିଚା କଡ଼େ କଡ଼େ ଲଗାଇଲି । ବିଭିନ୍ନ ଫୁଲ, ଫଳ, ପନିପରିବା ଗଛ ମଧ୍ୟ ଲଗାଇଲି । ପୋଖରୀ




**R. S. TUTORIALS**

SURYALOKA LANE, CHAND, CHHAK, CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**

— Contact : 9861462581, 9861816123 —


ହୁଡ଼ାରେ ନଡ଼ିଆ ଓ ଗୁଆଗଛ ଲଗାଇଲି । ପିଲାମାନେ କ୍ଷୀର ଖାଇବା ପାଇଁ ଗାଈ ମଧ୍ୟ ରଖିଲି । ପୋଖରୀରେ ମାଛଚାଷ କଲି । ମୋର ସାଙ୍ଗମାନେ ମଧ୍ୟ ସହଯୋଗର ହାତ ବଢ଼ାଇଲେ । ଏବେ ଆଉ ପଇସାର ଅଭାବ ନାହିଁ । ପିଲାସଂଖ୍ୟା ମଧ୍ୟ ବେଶ୍ ବଢ଼ିଲାଣି, ଏବେ କାମପାଇଁ ପାଞ୍ଚ ଜଣ ଲୋକ କାମ କରିବାକୁ ଅଛନ୍ତି ।

ଏବେ କିନ୍ତୁ ବାର୍ଦ୍ଧକ୍ୟ ହେତୁ ମାଉସୀ ଆଉ ବେଶି ଚଲାବୁଲା କରିପାରୁ ନାହାଁନ୍ତି । ତାଙ୍କର ସେବାଯତ୍ନ ସବୁ ମୁଁ ନିଜେକରେ ସେ ତ ମୋ ପାଇଁ ନାରୀ ନୁହେଁ ଦେବୀଟିଏ । ସେ କିନ୍ତୁ ମୋର ପରିଶ୍ରମ ଦେଖି ଭାରି ଦୁଃଖ କରନ୍ତି । ମାଉସୀ କହିଲେ ମୁଁ ତ ଆଉ କାମକୁ ପାରୁନି, ତୁ ନ ଖାଇ, ନ ପିଇ, ନ ଶୋଇ ପରିଶ୍ରମ କରି ବେମାର ହେଲେ ତୋର ଯତ୍ନ କିଏ କରିବ । ତୋତେ ହାତକୁ ଦି ହାତ ନକଲେ ମୁଁ ଶାନ୍ତିରେ ମରିପାରିବି ନାହିଁ । ତୁ ନିଷ୍ଚୟ ମୋର ଶେଷଇଚ୍ଛା ପୂରଣ କରିବୁ । ମାଉସୀଙ୍କ କଥା ଭାଙ୍ଗିପାରିଲି ନାହିଁ । ମଉନେ ସମ୍ମତି ଜଣାଇଲି । ମାଉସୀ ଖୁବ୍ ଶୀଘ୍ର ଯୋଗାଯୋଗ କରି ଗୋଟିଏ ଗରୀବ ସୁନ୍ଦରୀ ପାଠୋଇ ଝିଅ ସହିତ ମୋର ବିଭାଘର କରିଦେଲେ । ସେ ମଧ୍ୟ ଆଜି ମୋ ସହିତ ଅଶ୍ରମ ପିଲାମାନଙ୍କୁ ମା'ର ସ୍ନେହ ଦେଇ ସୁଖର ସଂସାର ଆଗେଇ ନେଉଛି । ମୋର ପିଲାମାନେ ଡାକ୍ତର, ଅଧ୍ୟାପକ ପ୍ରଭୃତି ବଡ଼ ବଡ଼ ପଦବୀରେ ଅଛନ୍ତି । ସେମାନଙ୍କ ମୁହଁରେ ହସ ଦେଖି ଛାତିମୋର କୁଣ୍ଢେମୋଟ ହୋଇ ଯାଉଛି । ମୋର ସ୍ୱପ୍ନ ଆଜି ସାକାର ହୋଇଛି ।

"ଏଇ ତ ଜୀବନ ।।"

ବିଦ୍ୟାଧରପୁର, ଗୌତମନଗର,
ନୂଆବଜାର, କଟକ-୪

ooooo



# ବଖରାଏ ଘର

ତପନ କୁମାର ସ୍ୱାଇଁ

ଭୋଦୁଅ ଆକାଶରୁ ଧିରେ ଧିରେ ମେଘମାନେ ଅପସରି ଗଲେଣି । ଚାରିଆଡେ ଅଶିଣର ସଜବାଜ । ସବୁଜ ଧାନକିଆରିରେ ଧାନ ଆସନଗର୍ଭା । ଭୋର ହେଉ ହେଉ ବାପା ବାହାରିଲେଣି ବିଲ ଆଡେ ଘେରାଏ ବୁଲି ଆସିବାକୁ ।     ଏବେ ତ ବିଲବାଡ଼ି କାମଦାମ ନାହିଁ, କ'ଣ ବା କରିବେ । ବସି ବସି ବୋର ହୋଇ ଯାଉଛନ୍ତି । ସକାଳୁ ସକାଳୁ ଭଉଣୀର ଫୋନ୍ ପରେ ଫୋନ୍ । ବୋଉ ମୁଁ ଏଥର ଗାଆଁକୁ ଯାଉଛି । ଭାଇକୁ କହିବୁ ଦଶହରାକୁ ମୋ ପାଇଁ ଯେମିତି ହେଲେ ଭଲ ଶାଢ଼ି, ମୋପୁଅ ଝିଅଙ୍କ ପାଇଁ ସାର୍ଟପ୍ୟାଣ୍ଟ କରିବ । ଦୁଇବର୍ଷ ହେବ ମୁଁ ଗାଆଁକୁ ଯାଇନି । ରାଉରକେଲା ର ଦୁର୍ଗାପୂଜା ଠାରୁ କଟକର ଦୁର୍ଗାପୂଜା ଖୁବ୍ ଜାକଜମକରେ ହୁଏ । ତେଣୁ ଏଥର ପୂଜା ହାତଛଡ଼ା ଆଦୌ କରିବି ନାହିଁ । ମୁଁ ସବୁ ଝରକାପାଖରେ ଠିଆ ହାଇ ଶୁଣୁଥାଏ ।

ଏତିକିବେଳେ କଳାହାଣ୍ଡିଆ ମେଘ କୁଆଡ଼େ ଥିଲା ଘୋଟିଆସିଲା । ଚାହୁଁ ଚାହୁଁ ଜୋରରେ ପବନ ସାଙ୍ଗକୁ ଘଡ଼ଘଡ଼ି ରେ ଉଡେଇ ନେଲା ଆଜ୍‌ବେଷ୍ଟସ୍ ଉପରେ ପଡ଼ିଥିବା ପଲିଥିନ୍‌କୁ । ବୋଉପାଟି କରି ଧାଇଁଆସିଲା ଘରୁ । ଆରେ ଧ... ଧ... ପଲିଥିନ୍‌ଟା ଉଡ଼ିଗଲା । ବୋକାଟା ଭଳି ଠିଆ ହେଇ କ'ଣ ଦେଖୁଛୁ । ବୋଉ ପାଟିରେ ମୁଁ ପ୍ରକୃତିସ୍ଥ ହୋଇଗଲି । ବୋଉ ଗପିଚାଲିଥାଏ । ନିଆଁଗଲା ବର୍ଷାଟା ଅଶିଣଟାରେ ବି କୁଆଡ଼େ ଆସି ବର୍ଷି ଯାଉଛି । ଅସରାଏ ବର୍ଷାରେ ଘରଭିତରେ ପାଣି ଗଳିବ । ବାପ, ପୁଅଙ୍କୁ ସେଦିନୁ କହିଲିଣି ବ୍ଲକ ଆଡେ ଟିକେ ସରପଞ୍ଚଙ୍କୁ ନେଇ ସେ ଇନ୍ଦିରାଆବାସ କଥାଟା ଟିକେ ବୁଝିଆସ । କାହାର କ'ଣ ମନଯୋଗ ଅଛି । କହିଲେ କ'ଣ କହିବେ ନା ଆମକୁ ଏଥର ଇନ୍ଦିରା ଆବାସ ମିଳିବନି । ଆମେ ଅଲଗା ଦଳର ଲୋକ । ଆମର ତ ସହଜେ ବି.ପି.ଏଲ୍. କାର୍ଡ ନାହିଁ । ରାସନ କାର୍ଡ ପାଇଁ ସରପଞ୍ଚଙ୍କ ପାଖରେ ସୁପାରିସ୍ କଲୁଯେ, ସରପଞ୍ଚ କହିଲେ... ତୁମର କୋଠାଘର ତିନିବଖରାରୁ ଉର୍ଦ୍ଧ୍ୱ । ସର୍ଭେରେ ଆସିଥିବା ବାବୁଙ୍କ ଆଖିରେ କ'ଣ କଷ୍ଟା ମଡାହୋଇଥିଲା । ଘରଗୁଡ଼ାକ ବାପ ଅଜା କାଳର ଘର । କନାଅଛି ହେଲେ କପୂର ଉଡ଼ିଗଲାଣି । ଲୁଣମାରି କାନ୍ଥଗୁଡ଼ାକ ଝଡ଼ିଗଲାଣି । ଘର ଉପରେ ବର ଓସ୍ତଗଛ ମାଡ଼ି ଘର ଭୂତକୋଠି ହେଲାଣି । ତଥାପି ଯାଙ୍କର କୁଆଡେ ସରକାରୀ ଅନୁଦାନ ମିଳିବ ନାହିଁ । ଆମ ସାହି ବୁଧିଆ କ'ଣ ଗୋଟାଏ କୁଜି ନେତା ହେଇଛି ଯେ ତା'ପାଖରେ ଗାଆଁଟା ଯାକର ଲୋକ ଫୁସ୍‌ରୁ ଫାସୁର ଟୁପୁର ଟାପୁର ହେଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ପାଇଁ ପିମ୍ପୁଡ଼ି ଭଳିଆ ଧାଡ଼ି ଲାଗୁଛନ୍ତି । ବଡ଼ଭାଇଟା ତା'ର ସରକାରୀ ଚାକିରୀ କରିଛି । ଭାଉଜ ଅଙ୍ଗବାଡ଼ି କର୍ମଚାରୀ, ଭଉଣୀକୁ ଆଶାକର୍ମୀ ରଖି ଦେଇଛି । ତଥାପି ତାକୁ ସବୁ ସରକାରୀ ଅନୁଦାନ କିଏ ଦଉଛି ? ସରକାରଙ୍କର କ୍ଷୁଦ୍ର କ୍ଷୁଦ୍ର ଯୋଜନାଗୁଡ଼ାକ ଟାଣି ଆଣୁଛି ଘରକୁ । କେଇଟା ଦିନରେ ଘରକୁ ମାର୍ବଲ, ଟାଇଲ୍ ପକେଇ ଠିଆକରି ଦେଲା ଦି'ମହଲା କୋଠାଘର ଟାଏ । ଆଉ ଏ ବାପ ପୁଅଙ୍କର ବଖରାଏ ଘର ଛାତପକାଇବା ପାଇଁ..... ଛି ଛି । ମୁଁ ବୋଉ କଥାକୁ ଖାଲି କାନଡେରି ଶୁଣୁଥାଏ । କ'ଣ ବା କହିବି ବୋଉକୁ ! ଯାହା କହୁଛି କହୁ ତା'ର ତ କହିବାର ହକ୍ । ଦିନଠୁ ରାତି ପର୍ଯ୍ୟନ୍ତ ଖଟି ଆମକୁ ମୁଠାଏ ଖାଇବାକୁ ଦେଉଛି । ରବେଇ ଖବେଇ ହେଲେ ହେଉପଛେ, ତା ଆଗରେ ମୁହଁ ଖୋଲିବା ମୋର ସାହାସ କଲୁ ନଥାଏ ।


ମୋର ତ ଯେଉଁ ଚାକିରୀ ସେଥିରେ ଘର ଖର୍ଚ୍ଚ, ବୋଉର ଔଷଧ, ଚାଷବାସ ବିଲପାଇଁ ଖର୍ଚ୍ଚକୁ ନିଅଣ୍ଟ ।

ବନ୍ଧୁବାନ୍ଧବ, ପର୍ବପର୍ବାଣୀ କଥା ପଢ଼ିଲେ ଦେହରେ ଜର ଆସେ । ପାଠପଢ଼ି ଚାକିରୀ ପାଇଁ ଦଉଡ଼ି ଦଉଡ଼ି ଗୋଡ଼ରୁ ଚପଲ ଘୋରି ହୋଇଗଲାଣି । ଏ ସରକାରଙ୍କ ଅମଳରେ ଲକ୍ଷ ଲକ୍ଷ ପାଠପଢ଼ି ବେକାର । ଆମକଥା ନକହିବା ଭଲ । ନା ଅଛି ନିଯୁକ୍ତି ସୁଯୋଗ ନା କଳ କାରଖାନା ପ୍ରତିଷ୍ଠା ନା ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ କର୍ମନିଯୁକ୍ତିର ପ୍ରୋତ୍ସାହନ । ସବୁଖାଲି ମିଛ ଭାଷଣ ! ପାଣିର ଗାର ! ଏକଥା କାହାକୁ କହିବୁ ? ଘରେ ପୁଅଝିଅ ବେକାର ବସିଛନ୍ତି । କୁଜି ନେତାଙ୍କ କଥାରେ ଟଙ୍କିକିଆ ଚାଉଳ, ବୁଢ଼ାବାପର ବାର୍ଦ୍ଧକ୍ୟ ଭତ୍ତା ପାଇ ଆମେ ଭୋଟ ଦେଇ ଗଢୁଛ ସରକାର । ନିଜ ଗୋଡ଼ରେ ଯେତିକି ବଳ ସେ ପର୍ଯ୍ୟନ୍ତ ଖଟୁଥିବ । ଅଟକିଗଲେ ତେଣିକି ଅଲଗା......।

ହଠାତ୍ ମୁଁ ଚମକି ପଡ଼ିଲି ! ରାସ୍ତାଉପରେ ବାପାଙ୍କ ଡାକ ଶୁଭିଲା । ଆରେ ସପନା ଦେଖିଲୁ..... ଦେଖିଲୁ... । ସାହିଭିତରକୁ କ'ଣ ପୁଲିସିଗାଡ଼ି ୨/୩ଟା ଗଲାଣି... କାହାର କ'ଣ ହେଇଛିକି । ମୁଁ କାନ୍ଧରେ ଗାମୁଛାଟାଏ ପକେଇ ଲୁଙ୍ଗିଟାକୁ ଫାଲ୍‌ଟା ମାରି ଧାଇଁଗଲି । ଯାହା ଦେଖିଲି ମୁଁ ଆଶ୍ଚର୍ଯ୍ୟ ହୋଇଠିଆ ହୋଇଗଲି । ରାସ୍ତାକାମ ନାଆଁରେ ମିଛ ଜାଲିଆତି କରି ଫଲ୍ସବିଲ୍ କେସ୍‌ରେ ପୁଲିସ୍ ବୁଧିଆକୁ ଆରେଷ୍ଟ କରିଛନ୍ତି । ତା'ବାପା, ବୋଉ, ସ୍ତ୍ରୀ ସମସ୍ତେ ପୁଲିସ୍ ଗୋଡ଼ଧରି ନେହୁରା ହେଉଛନ୍ତି । ସାହିରେ ଥାଳିମାରିଦେଲେ ଲୋକଙ୍କର ନାହିଁ ନଥିବା ଭିଡ଼ ।

ଛାତିରୁ ମୋର ଦଲକାଏ ନିଶ୍ୱାସ ବାହାରିଗଲା । ସମସ୍ତଙ୍କ ପାଟିରେ ଚୁପ୍‌ଚାପ୍ ଫୁସଫାସ ! ପାଉ ପାନେ । ଏମିତି କେତେ କ'ଣ । ମୁଁ ନଥକରି ବସି ପଡ଼ିଲି । ଭାବିଲି ଧିକ୍ ସେ ମାର୍ବଲ ଟାଇଲ ମଖା କୋଠାଘର । ରଙ୍ଗବେରଙ୍ଗର ଚାରିଚକିଆ ଗାଡ଼ି । ଖଦଡ଼ ପୋଷାକ ଦେହରେ ଲୁଚିଥିବା ଦେଶଦ୍ରୋହି ଟାଉଟରି ଆତ୍ମାର ଘୁଣପୋକ । ବରଂ ବୋଉ ଯାହା କହୁପଛୋ, ଆମେ ଆମ ଜାଗାରେ ଠିକ୍ ଅଛୁ । ନିଜର ମୁଣ୍ଡ ଗୁଞ୍ଜିବାକୁ ଛାତଟିଏ ନଥାଉ ପଛେ ହାଣ ମୁହଁକୁ ଠେଲି ଗଲାପରି କଲବଲ ଭାଗ୍ୟ ଭଗବାନ ନଦିଅନ୍ତୁ । କେତେବେଳେ ଭାବି ଭାବି ଆସିଘର ପାଖରେ ପହଞ୍ଚି ଗଲିଣି ଅନ୍ୟମନସ୍କତାରେ । ପଲିଥିନ୍ ଜରି ପବନର ଖଡ଼କଡ଼ରେ ମୁଁ ପ୍ରକୃତିସ୍ଥ ହେଇଗଲି । ବୋଉ ଗୁଣୁଗୁଣଉ ଥାଏ, ପିଲାଙ୍କୁ ସିନା ମଣିଷ କରିପାରିଲିନି ଦି ପଇସା ରୋଜଗାର କରି ଦେବାପାଇଁ । ହେଲେ ତା ବାପାଙ୍କ ଭଳି ଭଦ୍ର ମଣିଷ ଛୁଆଟାଏ ତ କରିପାରିଛି । ଧିକ୍ ସେ ନିଆଁଲଗା ଧନସମ୍ପତ୍ତି । ମୋ ହାଣ୍ଡିର ବାସିପଖାଳ, ବାଡ଼ିର କଖାରୁ ଡଙ୍କ, ପୋଇ ନାଡ଼ି ଖାଇ ବରଂ ବଞ୍ଚିବାରେ ଆନନ୍ଦ ଅଛି । ହେଲେ ଏମିତି କୁଳାଙ୍ଗାର ଛୁଆ ଭଗବାନ ନଦେଇ କୋଟି ଗୁଣେ ଶାନ୍ତି ଦେଇଛନ୍ତି ।

ଜନସ୍ୱାସ୍ଥ୍ୟ ବିଭାଗ, ରାଣୀହାଟ, କଟକ
ମୋ -୯୦୪୦୦୩୩୩୯୦


ଶାରଦୀୟ ଶୁଭେଚ୍ଛା
ଓଡ଼ିଶାର ସମସ୍ତ ଅଧିବାସୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ମା'ଙ୍କ ଶ୍ରୀଚରଣରେ ଆପଣମାନଙ୍କର ସୁଖ ସମୃଦ୍ଧି କାମନା କରୁଛି
ଡ. ଦୀପକ କୁମାର ଦାସ
ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ

# ନରାଧମ

ଜୟନ୍ତୀ ବାରିକ୍

ଭାଦ୍ରବର ଘନଘୋର ଅନ୍ଧାର ରାତି, ହୁ ହୁ ଘଡ଼ଘଡ଼ି ସାଥେ ଅସରା ଅସରା ମେଘ ଗାଳି ପକଉଛି । ଢୋକିକିଆ ଛୁଆର ଓକଲାଉଠା ବାନ୍ତିପରି । ପୁଣି ଅବଶ ହୋଇ ଥମିଯାଉଛି । ବାଡ଼ିପଟ ପିଣ୍ଡାରେ ବାଉଁଶ ପାରିଆକୁ ଦେହଟା ଆଉଜେଇ ହାଁ କରି ଚାହିଁ ବସିଛି ସୁନେଇଁ, ଅନାୟଶରେ ଅବୋଲକରା ଲୁହଗୁଡ଼ା ଗଡ଼ିପଡୁଛି ସାମ୍ନାରେ ମାଡ଼ିଥିବା ଗୁହାଳପିଢ଼ା କଖାରୁପତର ଓପରେ ଟୋପା ଟୋପା ମେଘପଡ଼ି ଗଡିଲା ଭଳି, ଦୂରରୁ ଭାଶି ଆସିଲା ହୁଳହୁଳି ଶବଦ, ସୁନେଇଁ ଚିହିଁକି ଉଠିଲା ଓଃ ଆଜି ଭାଲୁକୁଣି ଶେଷ ପାଳିପରା ।

ଏଇମିତି ଏକ ବରଷାଭିଜା ରାତିରେ ହଜିଯାଇଛି, ତା ସୁନାର ସଂସାର, ଆଖିରେ ପିଞ୍ଚୁଳି । ଭବିଷ୍ୟତର ସାହାଭରଷା । ଓଳିପାଣି ବହିବହି ଗାଡ଼ିଆରେ ମିଶିଲାଭଳି, ତାର ସୁଖର ଭାବନା ମିଶି ଯାଇଥିଲା ହାହୁତାଶର ମହୋଦଧିରେ । ସେଦିନଥିଲା ଭାଲୁକୁଣି ଶେଷପାଳି ଓଷା । ଏକମାତ୍ର ଗେହ୍ଲି ଝିଅ ସୁମି । ବାପ ସତୁରା ଏକମାତ୍ର ଝିଅର ନାଁ ଦେଇଥିଲା ସୁମି । ମାଆବାପାଙ୍କ ନାଁରେ ପକେଇ । ବାହାଘରର ଦୀର୍ଘ ଆଠ ବର୍ଷପରେ ହିଁ ସତୁରା, ସୁନେଇଁର କୋଳମଣ୍ଡନ କରିଥିଲା ସୁମି । ବାରବରଷର ସୁମି ଭଲ ପାଠବି ପଢୁଥିଲା । ଅଭାବି ସଂସାରରେ ସୁମିକୁ ସତୁରା ଅନୁଭବିବାକୁ ଦେଉନଥିଲା । ଆବଶ୍ୟକ ଅନୁସାରେ ସବୁ ପୂରଣ କରୁଥିଲେ ମାଆବାପା । ଝିଅଟିଏ ପ୍ରଥମ କରି ହେଲେ ଘରକୁ ଲକ୍ଷ୍ମୀ ଆସନ୍ତି ବୋଲି ସତୁରା କହେ । ସୁନେଇଁ ବି ସ୍ୱାମୀର କଥାକୁ ସନ୍‌ମାନ ଜଣେଇ ପ୍ରଥମ କରି ଝିଅହେଲେ ମା'ମଙ୍ଗଳାଙ୍କୁ ଖୁଦୁରୁକୁଣୀ ଦବାପାଇଁ ମାନସିକ କରିଥିଲା । ପ୍ରତିବର୍ଷ ଭାଦ୍ରବ ପ୍ରଥମ ପାଳିରୁ ସତରା କର୍ତ୍ତୀ ସାହିରୁ ବରାଦିଆ ଭାଲୁକୁଣୀ କିଣି ଆଣେ । ସୁମିର ଆନନ୍ଦ କହିଲେ ନସରେ । ସାଦେଇପଡ଼ା ଗାଁର ମଝିମୁଣ୍ଡରେ ରାଉତ ସାହି, ରାଉତ ଘର ଅନୁ ସୁମିର ସାଙ୍ଗ, ପ୍ରତିବର୍ଷ ଅନୁଙ୍କ ଘରେ ମଙ୍ଗଳାକୋଠି ବସେ, ସୁମି ସେଇଠି ପୂଜାକରେ । କୋଉ ବଡ଼ି ଅନ୍ଧାରରୁ ଉଠି ସାଙ୍ଗମେଳହୋଇ ଦୁହେଁ ଫୁଲତୋଳିବାକୁ ଯାଆନ୍ତି ଦଣ୍ଡା ମୁଣ୍ଡକୁ । କିଏ କେତେ ଫୁଲତୋଳିବ ଏକରକମ ପ୍ରତିଯୋଗିତା ଚାଲେ । ବାଡ଼ିରୁ ହରଗଉରା, ମଣ୍ଡା, ଦିନ ଦିପହରିଆ ଫୁଲ ତୋଳା ହୁଏ । ଗାଁର ସବୁଝିଅ ସାଙ୍ଗହୋଇ ବାଲୁଙ୍ଗା ପୁଜନ୍ତି ବଡ଼ପୋଖରୀ ତୁଠରେ । କେତେ ଥଟ୍ଟାମଜାରେ ପୋଖରୀକୂଳ ଫାଟିପଡେ ।

ବିଚରା ଦୁଇଦିନ ଆଗରୁ ସୁମି ବୋଉକୁ କହିଥିଲା - ବୋଉ ମୁଁ ଏ ପାଳି ବହୁତ ଭୋଗ ନେବି, ଶେଷ ପାଳିତ, ସୋନୁ ଭାଇ, ରମାଦାଦା, ସୁକୁଟା ଦାଦା କହୁଥିଲେ ପ୍ରଥମ ପାଳି, ହଉ କଇଁଫୁଲ ତୋଳିଦେବୁ ଆମେ ଏତେ ପାଣିରୁ । ଆମକୁ ଶେଷପାଳି ବେଶି ଭୋଗଦେବ । "ସୁନେଇଁ ଖୁସିରେ ହଁ ଭରିଲା" ଆଲୋ, ଭୋଗ ଚରଣେ ପାଇଲେ ଯାହା ଭରଣେ ପାଇଲେବି ସେଇଆ । ସେଦିନ ଯୋଗକୁ ବରଷା ଢ଼ାଳୁଛି, ଚୂଲି, ହାଣ୍ଡି, ବାଲି, ଜାଳକୁଟା ସବୁ ଓଦା । ହେଲେ ରାତିକୁ ଛଡ଼ା ନଡ଼ିଆ, କଦଳୀ, କାକୁଡ଼ି ଭୋଗଧରି ସୁମି ଗଲା ରାଉତ ସାହିକୁ ପୂଜା କରିବାକୁ ବାପାସାଥିରେ । ବାପା ସତୁରା ଝିଅକୁ ପୂଜାକୋଠିରେ ଛାଡ଼ିଲା, ସାହୁଘର ବଳିଆ ପୁଅ ସୁଶାନ୍ତି ବି ଭୋଗନେଇ ଯାଇଥିଲା । ସତୁରା ସୁଶାନ୍ତକୁ କହିଲା - ବାପାରେ ଗଲାବେଳେ ସୁମିକୁଟିକେ ସାଙ୍ଗରେ ନେଇ ଆମଘରେ ଛାଡ଼ିଦେଇ ଯିବୁ । ତୁ ତ ଆମ ଘରପଟେ ଯିବୁ । ଏ ବରଷାରେ ଆଉ ଓଦାପଟା ହେଇ ମୁଁ କାଇଁ ଆସିବି ? ସୁଶାନ୍ତ କିନ୍ତୁ ମୁଣ୍ଡ ହଲେଇ ହଁ ଭରିଥିଲା । ସତୁରା କଥାରେ ହେଲେ କିଏ ଜାଣିଥିଲା କା

ମନରେ କ'ଣ ଅଛିବୋଲି ।

ପୂଜାରେ ସୁମି ପୁଷ୍ପାଞ୍ଜଳି ଦେଲା । ଭୋଗବଣ୍ଟା ହେଲା, ସମସ୍ତଙ୍କ ଡାଲା ଭୋଗଧରି ସମସ୍ତେ ଘରକୁ ଫେରିଲେ । ସୁମିବି ବାହାରିଲା । ଅନୁର ମା' କହିଲେ ଚାଲେ ଲୋ ସୁମି ମୁଁ ତତେ ତମଘର ପାଖରେ ଛାଡ଼ିଦେଇ ଆସିବି । ତୋ ବାପା କି ମା'ତ କେହି ଆସିନାହାଁନ୍ତି । ମେଘ ଅନ୍ଧାର ରାତି । କଥାଛଡେଇ ଧନିଆ ମା' ବୁଢ଼ି ଭୋଗ ପାଟିରେ ପୁରେଇ ଥୁ .. ଥୁ.. ଧାନ କାଢ଼ି କହିଲା,ଏ ସୁଶାନ୍ତ ପରା ସେ ମୁଣ୍ଡକୁ ଯିବ, ସୁମିକୁ ସାଙ୍ଗରେ ନେଇଯିବନି । ସୁଶାନ୍ତ ସମ୍ମତି ଜଣେଇଲା, ହଁ ବା ସତୁରା ବଡ଼ବାବା କହିଛନ୍ତି, ମୁଁ ଗଲା ବେଳେ ସୁମୀକୁ ସାଥିରେ ନେଇ ତାଙ୍କ ଘରପାଖରେ ଛାଡ଼ିଦେବି । ଅନୁ ମା' ତାଗିଦ୍ କଲେ । ମହାନ୍ତି ଘର କୁକୁର ବୁଲୁଛି ଦେଖିକି ଯିବ । ସୁଶାନ୍ତ ଗୋଡକାଢ଼ିଲା ସୁମିକୁ ଧରି, ସୁମି ଭୋଗଡାଲା ଧରିଥାଏ, କିଛିବାଟ ଗଲାପରେ ରାତିରେ ଅନ୍ଧାର ଭିତରେ ଦୁହେଁ କୁଆଡେ ମିଳେଇଗଲେ କେଜାଣି ।

ସତୁରା ବିଲୁରୁ ଖଟି ଖଟି ହାଲିଆରେ ଶୋଇପଡ଼ିଛି, ସୁନେଇଁ ଦାଣ୍ଡ ଦୁଆର ବାଡ଼ିଦୁଆର ଏପଟ ସେପଟ ହଉଛି । ପୂଜା କ'ଣ ସରିନି, ପିଲାଟା ଏତେବେଳ ଯାଏ ଆସୁନି କାଇଁ । ଏ ନୋକୁଟା ଶୋଇଛି, ଉଠେଇଲେ ରାଗିବ । ମନକୁ ପାପ ଛୁଇଁଲା । ସେଇ ଅନ୍ଧାରରେ ସୁନେଇଁ ଧାଇଁଗଲା ରାଉତ ଘର ଓଷା କୋଠିପାଖକୁ । ଦେଖିଲା କେହି କୋଉଠି ନାହାଁନ୍ତି, ସମସ୍ତେ ଘରକୁ ଗଲେଇଁ । ରାଉତଘର କୁକୁର ପଡ଼ିଥିବା ଭୋଗଖାଇ ନାଗିଚି, ତେବେ ସୁମି କୁଆଡେ ଗଲା ? ରାଉତ ଘର କବାଟବି ବନ୍ଦ୍ । ହତାଶ ଭାବନେଇ ଘରକୁ ଫେରିଲାବେଳକୁ ସତୁରା ପାଖକୁ, ବାବୁଘର ଘୁଅରୀରେ ଗୋଟା ବିକଟାଳିଆ ଶବଦ ଶୁଣାଗଲା । ଧାଇଁ ଜାଇ ଦେଖେତ ସୁମି ନିଃସ୍ତେଜ୍ ହେଇ ପଡିଛି ଘୁଅରୀରେ । କଥା କହିପାରୁନି, ଭୋଗଡାଲା ବିଛାଡ଼ିହେଇ ପଡ଼ିଛି ଏଣେତେଣେ । ଅନ୍ଧାରରେ ସୁନେଇଁ ସୁମିଲୋ କହି କୋଳକୁ ନେଲା ବେଳକୁ, ତା' ଆଖି ଆଗରେ କିଏ ଗୋଟା ସଁ ସଁ ଶବଦକରି ଚାଲିଗଲା ଭଳିଆ ଦେଖାଗଲା । ମାତ୍ର ଅନ୍ଧାରରେ ସେ ମିଳେଇଗଲା । ସୁନେଇଁର କାନ୍ଦଶୁଣି ସମସ୍ତେ ନିଦରୁ ଉଠି ପଡ଼ିଲେ । ଦେଖିଲା ବେଳକୁ ସୁମୀ ଆଉ ଏ ଦୁନିଆରେ ନାହିଁ । ତହିଁ ଆରଦିନ ଖବର ପାଇ ପୁଲିସି ଆସି ଦେଖିଲା, ସୁମିର ତ ଣ୍ଟିରେ ଦାଗଅଛି । ତାକୁ କିଏ ମାରିଦେଇଛି, ପୁଲିସ କହିଲା । ନେଇଚାଲ ପୋଷ୍ଟ ମର୍ଟମ୍ ହେବ । ଦିନର ଆଲୋକରେ ଅନୁସନ୍ଧାନକରି ପୁଲିସବାଲା ଅନତି ଦୂରରେ ସୁଶାନ୍ତର ଗାମୁଛା ପାଇଲେ । ହେଲେ ସତୁରା, ସୁନେଇଁ ସୁମିକୁହରେଇ କ'ଣ ପାଇଲେ, ସେ କଥା ଅଙ୍ଗେ ଲିଭା ମଣିଷ ହିଁ ଜାଣିପାରେ । ସେ ଦିନଠୁ ସୁନେଇଁ ସେଇ ବାଡ଼ିପିଣ୍ଡାରେ ସୁମୀକୁ ଚାହିଁ ବସିଛି ଯେ ବସିଛି ହାଁଟା କରି । ନା କିଏ ଆଗକୁ ଅଛି ନା ପଛକୁ ।

ସାର୍ତ୍ତୋଳ, ନୂଆବଜାର, କଟକ

୦୦୦୦




ଶାରଦୀୟ ଶୁଭେଚ୍ଛା

ଓଡ଼ିଶାର ସମସ୍ତ ଅଧିବାସୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ମା'ଙ୍କ ଶ୍ରୀଚରଣରେ ଆପଣମାନଙ୍କର ସୁଖ ସମୃଦ୍ଧି କାମନା କରୁଛି

ଡ. କମଳାକାନ୍ତ ସ୍ୱାଇଁ

ଏସ୍.ଆର୍. ଆନାସ୍ଥେସିଆ, ଏସ୍.ସି.ବି. ମେଡିକାଲ କଲେଜ

# ଅନୁତପ୍ତ ନିଆଁରେ ଚିନ୍ତେଇ

ବନଲତା ସିଂହ

ମହାନଦୀ କୂଳରେ ଗୋଟିଏ ବରଗଛ, ତା' ପାଖରେ ଗୋଟିଏ ଭଙ୍ଗାମନ୍ଦିର ଟିଏ । ନିରୋଳା ନିକାଞ୍ଚନ ଜାଗାଟିଏ । ଗୋଟିଏ ଭଙ୍ଗା କୁଡ଼ିଆରେ ଚିନ୍ତେଇ ଓ ନେତି ବସିଛନ୍ତି । ଝିପ୍‌ଝିପ୍ ବର୍ଷା ହେଉଛି । କିଛିଦିନ ଆଗରୁ ଜୋର୍‌ରେ ପବନ ହୋଇ କୁଡ଼ିଆର ଛପର ଉଡ଼ି ଯାଇଛି । ନେତି ଗୋଟିଏ ଜରି ମାଗିଆଣି ବାନ୍ଧି ଦେଇ ଟିକେ ଆପଟ କରିଛି । କିନ୍ତୁ ଚନ୍ଦ୍ର ତପନ ଘରେ ବସି ଦର୍ଶନ କରନ୍ତି ନେତି ଚିନ୍ତେଇ । ଖୁଁ ଖୁଁ କରି ଚିନ୍ତେଇ କାଶୁଛି, କଙ୍କାଳ ସାର ଦେହରେ ଚମଡାଟି ଲାଗି ଯାଇଛି । ଗୋଟିଏ ଗୋଡ଼, ଗୋଟିଏ ହାତ ଅଚଳ । ପେଟକୁ ଖାଇବାକୁ ପଛେ ନ ମିଳୁ, ଟିକେ ପାଟିରେ ଅଫିମ ପଡ଼ିଗଲେ ବୁଢ଼ା ଝାଡ଼ିଝୁଡ଼ି ହୋଇ ବସେ ।

ନେତି ଓକିଲ ବାବୁ ଘରେ କାମ କରି ମଜୁରୀ ବାବଦରେ ମାସକୁ କିଛି ପଇସା ପାଏ । ଆଉ ପୁରୁଣା ଶାଢ଼ି ଆଉ ପୁରୁଣା ପ୍ୟାଣ୍ଟ ଆଣେ ନିଜେ ପିନ୍ଧି ଚିନ୍ତେଇକୁ ପିନ୍ଧେଇବାକୁ । ଆଉ ଗୋଟିଏ ଓଳି ଖାଇବାକୁ ଯାହାଦିଅନ୍ତି ସେ ସେଠାରେ ନଖାଇ ଘରକୁ ନେଇ ଆସେ । ଚିନ୍ତେଇ ସାଙ୍ଗରେ ଖାଇବାକୁ ତାକୁ ଭଲଲାଗେ । ରାତିରେ କ'ଣ ମିଳିଲେ ଖାଆନ୍ତି, ନଚେତ ନାଲି ଚା'ରେ ଲୁଣ ପକାଇ କଂସାଏ କରି ପିଇ ଦିଅନ୍ତି । ସେ ଯାହା ହୋଇଯାଉ ପଛେ ନେତି ଚିନ୍ତେଇ ପାଇଁ ଅଫିମ ଟିକେ ନିଶ୍ଚୟ କିଣିକରି ଆଣିବ । ସେଦିନ ବର୍ଷାରେ ନେତି ଯାଇ ପାରିନି ଅଫିମ ପାଇଁ । ଚିନ୍ତେଇ ରାଗିକରି ଭାଷା ଅଭାସାରେ ନେତିର ଚଉଦ ପୁରୁଷ ଉଝାଳୁ ଥିଲା । ଆଉ ସହି ପାରିଲାନି ନେତି, ଏଥର ପାଟି ଖୋଲିଲା..... ହଇରେ ଅଳପେଇସା ଯବାନ ସମୟରେ ରିକ୍ସା ଟାଣି କେତେ ପଇସା ରୋଜଗାର କରୁଥିଲୁ । ସବୁ ମଦପିଇ, ଗଞ୍ଜେଇ, ଅଫିମରେ ଉଡ଼ାଇ ଦେଲୁ । ମୋ ପୁଅ ଚେମା ପାଇଁ କ୍ଷୀର ମୁନ୍ଦିଏ ଦେଇପାରୁ ନଥିଲୁ । ବାବୁଘର କାମ କରି ପେଟ ପାଇଁ ପିଚା ପାଇଁ ଯୋଗାଡ଼ କରି, ଛୁଆକୁ ମଧ ଖୁଆଇ ଥିଲି । ତୁ କେଉଁଠି ମଦ ମାଉଁସ ଖାଇ ରାସ୍ତା କଡ଼ରେ ପଡୁଥିଲୁ । ସେତେବେଳେ ମୋ କଥା ତୋ ମନରେ ଆସୁ ନଥିଲା । ବାବୁ ଘରୁ ଯେତିକି ଆଣୁଥିଲି... ସେଥିରେ ବି ଭାଗ ହେଉଥିଲୁ । ନହେଲେ ମୋତେ ମାରି ମୋ ପିଠି ଫଟେଇ ଦେଉଥିଲୁ ।

ତୋ ପ୍ରେମରେ ପଡ଼ି ମୋ ବାପ ମାଆକୁ ଛାଡ଼ି ତୋ ସାଙ୍ଗରେ ପଳାଇ ଆସିଥିଲି । ମୁଁ ଜାଣି ନଥିଲି, ତୁ ଏଡେ ଘୋଡ଼ା ମଦୁଆ ବୋଲି । ସେହିଦିନ ଠାରୁ ବାବୁ ଘର କାମ କରୁଛି ଆଜି ପର୍ଯ୍ୟନ୍ତ । ତୋ ଦାଉରୁ ରକ୍ଷା ପାଇବାକୁ ବାଛୁରୀ ବୟସରେ ହଳ ବୁଲାଇବାକୁ କାନ ତରାଟି ବାବୁ ସାଙ୍ଗରେ ଚିନେଇ ପଳେଇଲା ଯେ ଆଉ ଫେରିଲାନି । ଥରେ ଆସିଥିଲା ତା ତିରିଲାକୁ ଧରି । ମୋତେ ନେଇ ଯିବାକୁ, କିନ୍ତୁ ମୁଁ ତତେ ଛାଡ଼ିଯିବାକୁ ଇଛା କଲିନି । କାରଣ ତୁ ଯାହାକର ପଛେ ତୁ ମୋର ଗୁରସ୍ତ । ତଥାପି ତୁ ତେଜିଲୁନି, ମୋତେ ଗାଳି ଦେଉଛୁ । ଚିନ୍ତେଇର ଦାନ୍ତ ପଡି ଗଲାଣି ଗୋଟିଏ କି ଦୁଇଟା ଅଛି । ସେଇଆକୁ ରଗୁଡିବା ପାଇଁ ଚେଷ୍ଟା କରୁଥାଏ । କିନ୍ତୁ ପାରୁ ନଥାଏ, କ'ଣ କରିବ ? ହାତଗୋଡ଼ ତ ଚାଲୁନି, ରାଗକୁ ଚାପି ରଖିବାକୁ ଇଛା ହେଉନଥିଲା । କାରଣ ସେ ମରଦ, ତିରିଲାଟା ଏଡେ ପାଟିରେ ଗାଳିଦେବ ସେ ସହିବ ? ଅନ୍ୟଦିନ ହୋଇଥିଲେ ଗୋଟିଏ ବିଧା ମାରି ତା' ପିଠିକୁ ସିଧା କରି ଦେଇଥାନ୍ତି । ନହେଲେ ମୁଥିମାରି ଛାମୁଦାନ୍ତ ଗଳେଇ ଦେଇଥାନ୍ତି, କିନ୍ତୁ ଆଉ କିଛି କରିପାରିବନି । ସେ ନରମ ଗଳାରେ ଡାକିଲା..... ନେତି....ଆ... ପାଖକୁ ଆ, ଆଉ ରାଗେନା... ଟିକେ ଶୁଣ !

ନେତି କହିଲା.... ଥାଉ... ଆଉ ସୋଗ

ଦେଖାନା, ମୁଁ ତତେ ଜାଣିନି, ପାଖକୁ ଡାକି ମୋ ପିଠିରେ ଗଡ଼ମା ଫୁଟେଇବୁ ନହେଲେ ଗାଲକୁ ଚାପୁଡ଼ା ଦେବୁ । ଆଉ ତୋର ମାଡ଼ ଗାଳି ସହି ପାରିବିନି । ଏଣିକି ତୋ ଦାନାପାଣି ମୋ ହାତରେ ବୋଲି ଭାବେ । ଚିନ୍ତେଇ ଦେଖିଲା..... ନେତି ବହୁତ ଜୋର୍‌ରେ ରାଗିଛି । ସେ କହିଲା ହଉ ତୁ ପାଖକୁ ନ...ଆ.. । ସେଇଠି ଶୁଣ୍, ଆଛା କହିଲୁ ନେତି... ଏ ସରକାର ମଦ, ଗଞ୍ଜେଇ, ଅଫିମ ଦୋକାନ କାହିଁକି କରିଛନ୍ତି । ପୁଣି ଖୋଲା ବଜାରରେ, କ'ଣ ଆମପରି ଏ ଗରୀବ ସଂସାରକୁ ଉଜାଡ଼ିବାକୁ ? ଆମଠୁ ଖଣ୍ଡେ ଭୋଟ ପାଇବା ପାଇଁ ଆମକୁ ମଦ ପିଇବାକୁ ଟଙ୍କା ଯୋଗାଇ ଦେଲେ, ତୁ ଜାଣିଛୁ ! ତୁ ଯେତେବେଳେ ତୋ ବାପଭାଇଙ୍କୁ ଛାଡ଼ି ମୋ ସାଥୀରେ ଚାଲିଆସିଲୁ, ମୁଁ ତୋ ପାଇଁ କେତେ ସ୍ୱପ୍ନ ଦେଖିଥିଲି । ଟଙ୍କା କରଜ ଆଣି ରିକ୍ସା କିଣି ଚଳେଇ ରୋଜଗାର କରିବି ବୋଲି ବରହମ୍ପୁରରୁ କଟକ ତୋତେ ନେଇ ଚାଲି ଆସିଲି । ସେତେବେଳେ ତ ଅଟୋ ନଥିଲା, ରୋଜଗାର ବହୁତ ହେଲା । ଘରଭଡ଼ା ଦେଇ ଆମେ କେତେ ଖୁସିରେ ଚଳୁଥିଲେ । ଦିନେ ଘରକୁ ଫେରିଲା ବେଳକୁ ରୋଜଗାର ଟଙ୍କାକୁ ଗଣିଲି, ପାଞ୍ଚ ଶହ ପଚାଶ । ମୋ ମନ କେତେ ଖୁସି ହୋଇଗଲା, ଭିବିଲି ନେତି ପାଇଁ ଖଣ୍ଡେ ଶାଢ଼ି ନେବି । ଆଉ ଚେମା ପାଇଁ ଜାମା ଆଉ ପେଁ ପେଁଇଆ କଣ୍ଢେଇ ନେବି । ଖୁସି ମନରେ ଆସୁଆସୁ ମଦ ଦୋକାନଟା ବାଟରେ ପଡିଲା, ମୁଁ ଜୋର୍‌ରେ ରିକ୍ସା ଚଳେଇ ଚାଲି ଆସିଲି..... କିନ୍ତୁ ପୁରି ମୋ ରିକ୍ସା ଅଟକି ଗଲା ଓ ପଛକୁ ବୁଲି ଚାଲିଲା, କାହିଁକି ନା ମୁଁ ସେତେବେଳକୁ ମଦର କବ୍‌ଜାରେ ରହି ସାରିଥିଲି । ଭାବିଲି ନେତି ରାଣ ପକାଇ କହୁଛି ଆଜି ଦିନକ ପିଇବି, ଆଉ କେବେ ପିଇବିନି । ପେଟେ ପିଇଲି, ନିଶାରେ କୁଆଡେ ହଜିଗଲି, ତା' ପରଦିନ ଆଖି ଖୋଲିଲାରୁ ଦେଖିଲି, ରାସ୍ତା କଡ଼ରେ ମୁଁ ଶୋଇଛି, ଆଉ ମୋ ପାଖରେ ମଦର ଖାଲି ବୋତଲ ଶୋଇଛି । ପକେଟ୍‌ରେ ଗୋଟିଏ ବି ପଇସା ନାହିଁ ।

ଖାଲି ହାତରେ ଆସି ମରଦ ପଣିଆ ଦେଖାଇଲି । ଆଉ ସବୁବେଳେ ସେଇକଥା ଜାରି କଲି, ଏହିପରି ମୋର ପେଶା ନିଶା ହେଲା, ନିଶାବି ପେଶା ହେଲା । ତେବେ ମୁଁ ବୁଝି ପାରୁନି ସରକାର ଏ ସବୁ କାହିଁକି କରୁଛନ୍ତି । କେତେ ଧନ ଜୀବନ ନଷ୍ଟ ହେଉଛି । କେତେଘର ଉଜୁଡ଼ି ଯାଉଛି, ତଥାପି ବଡ଼ବଡ଼ିଆଙ୍କ ପାଇଁ ବିଦେଶୀ ଆଉ ଗରୀବଙ୍କ ପାଇଁ ଦେଶୀଦୋକାନ କରି ସଂସାର ଭାଙ୍ଗୁଛନ୍ତି । ଖୋଲା ବଜାରରେ ଗଞ୍ଜେଇ, ଅଫିମ ବିକ୍ରି ଚାଲିଛି, ପାନ ବିଡ଼ି ସିଗାରେଟ୍‌ରେ ଏହି ନିଶା ଦିଆହୋଇ ପାଠ ପଢୁଆ ପିଲାଆଉ ଶିଶୁମାନେ ବି ପଥଭ୍ରଷ୍ଟ ହେଉଛନ୍ତି । ପଇସା ଘରୁ ଚୋରୀ କରୁଛନ୍ତି । ନିଶାସକ୍ତ ହୋଇ ଶିଶୁକନ୍ୟା ବଳାତ୍କାର ପରି ଅଘଟଣ ଘଟେଇ ଚାଲିଛନ୍ତି, ତୁ କହ ନେତି ଏଥିରେ ଦୋଷ କାହାର ?

ମୁଁ ଆଜି ବୁଝି ପାରିଛି ନିଶା ଖାଇବାର ପରିଣାମ କ'ଣ । ମୁଁ ଜାଣି ପାରୁଛି, ତୁ ବୁଢ଼ି ହୋଇଗଲୁଣି, ଆଉ ପାରୁନୁ । ବୋଝ ଉପରେ ନଳିତା ବିଡା ପରି ମୁଁ ତୋ ଉପରେ ବୋଝ ହେଉଛି । ତୁ ଟିକେ ବିଷ ମୋତେ ଦେଇଦେ, ମୁଁ ମରିଯିବି ଆଉ ତୁ ତରିଯିବୁ । ନେତିର ଛାତିଟା ତରଳିଗଲା, ସେ ସବୁ ଭୁଲି ଦଉଡ଼ି ଯାଇ ଚିନ୍ତେଇକୁ କୋଳକୁ ଟାଣି ଆଣି ନିଜ କାନିରେ ତା କୋରଡ଼ ଆଖିରୁ ଲୁହ ଓ ନେନ୍ଦରକୁ ପୋଛି ଦେଇ ତା ମୁଣ୍ଡକୁ ଧିରେ ଧିରେ ଆଉଁସି ଦେଲା । ଯେତେହେଲେ ସେ ତା'ର ଗୁରୁସ୍ତ । ତା'ର ସିନ୍ଦୂର, କେମିତି ବା ସହି ପାରିବ, ତା ମିରିପିର ଲୁହକୁ । ଚିନ୍ତେଇ ନେତି କୋଳରେ ଶୋଇ ପଡିଲା । ତା ମୁହଁରେ ଅନୁତାପ ଓ ଘୃଣାର ଛାପ ମୁହଁଟାକୁ ବିବର୍ଣ୍ଣ କରି ଦେଇଛି ।

ହେ ଭାଇ ଭଉଣୀ.... ଏ ଦେଶକୁ କ'ଣ ନିଶାମୁକ୍ତ କରି ପାରିବାନି ! ସମସ୍ତେ କ'ଣ ଚିନ୍ତେଇ ଓ ନେତିପରି ଦୁଃଖରେ ଝାଉଁଳି ପଡ଼ି ମାଟିରେ ମିଶିଯିବା ?

ଗଣ୍ଡରପୁର, କଟକ

ମୋ - ୮୭୬୩୯୬୭୧୦୩

୦୦୦୦

# ଅଶୁଭ ସ୍ୱପ୍ନ

ଗୀତାଞ୍ଜଳି ନାୟକ

ଆଜି ଅଫିସ୍ ଯିବା ବାଟରେ ଦୂରରୁ ଦେଖିଲି ଶିଶୁଟିଏ ବାରମ୍ବାର ମା'ର କାନିଟିକୁ ଟାଣୁଥାଏ, ଶିଶୁଟିକୁ ବୋଧେ ଦୁଇବର୍ଷ ହେବ, ଆଉ ମା'ଟି ଯେମିତି ଦୁଃଖରେ ଅନ୍ୟମନସ୍କ ରହିଥାଏ । ମା'ବର୍ଷାରେ ଭିଜି ଭିଜି ଚାଲିଥାଏ, ପିଲାଟି ଭୋକ ବିକଳରେ ଖାଇବାକୁ ମାଗୁଥାଏ, ହେଲେ ସେହି ବାଟଦେଇ ଶହଶହ ଲୋକ ଯାଉଥାନ୍ତି, ହେଲେ ଛୁଆଟିର ବିକଳ କାହା ଆଖିରେ ପଡୁନଥାଏ ବରଂ ଯୁବତୀଟିର ଭିଜା ଯୌବନକୁ ଖାଇଯିବା ପରି ଚାହିଁ ଚାହିଁ ଚାଲି ଯାଉଥିଲେ । ସେହି ବାଟଦେଇ ମୁଁ ମଧ ଅତିକ୍ରମ କଲି ଏ କ'ଣ ମୁହଁଟି ଚିହ୍ନା ଚିହ୍ନା ପରି ଲାଗିଲା, ଟିକେ ଅଟକି ଗଲି, ଆଉ ମନେ ପକେଇଲି, ଏ କ'ଣ ସେହି ସୁବର୍ଣ୍ଣା ? ଗୁଣ ରଙ୍ଗ, ରୂପ ସବୁ ଯେମିତି ନାଁ ସହିତ ଯୋଡ଼ି ହେଇଯାଏ, ଆଉ ମୁହଁଟି ସବୁବେଳେ ହସ, ହସ ସେତ ଗୋଟେ ଅଫିସରର ଝିଅ, ସିଏ ହେଇ ନଥିବ, ଏମିତି ଅବସ୍ଥା ତାର ବା ହେବ କେମିତି ? ଆଖିକୁ ବିଶ୍ୱାସ କରି ହେଉ ନଥିଲା ହେଲେ ମୋ ବିବେକ ଥରେ ପଚାରିବାକୁ ମୋତେ ବାଧ କଲା । କାରରୁ ଓହ୍ଲାଇ ପାଖକୁ ଗଲି, ମୁଁ ପଚାରିଲି ତୁମ ନାଁ କ'ଣ ? ସେ ବୋଧେ ମତେ ଚିହ୍ନି ପାରିଲା,ତେଣୁ ସେ ମୋତେ ଦେଖି ଭୋ, ଭୋ କାନ୍ଦିବାକୁ ଲାଗିଲା । ସତେ ଯେପରି ସେ ନିଃସ୍ୱ ହେଇ ଯାଇଛି, ଆଉ ତାର ନିଜର ବୋଲି ଦୁନିଆରେ କେହି ନାହାଁନ୍ତି । ମୁଁ ତାକୁ ସବୁକଥା ପଚାରିଲି, ତୁ ପୁଣି ଏ ପରିସ୍ଥିତିରେ ? ସେ ମୋତେ କହି ଚାଲିଲା, ଆମେ ସାଙ୍ଗ ହେଇ +୨ ପଢୁଥିଲୁ, ମୁଁ +୩ ଆଉ ଗୋଟେ କଲେଜ୍‌ରେ ପଢିଲି, ଆଉ ତୁମେ ଇଂଜିନିୟରିଂ ପଢ଼ିବାକୁ ଗଲ, ମୁଁ ସେଇ କଲେଜର ଗୋଟେ ପିଲା ରାକେଶ୍‌କୁ ଭଲପାଇ ବାହା ହେଇଗଲି ।ଏଇଟା ଶୁଣି ମତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା, ସୁବର୍ଣ୍ଣା ପୁଣି ଭଲ ପାଇଥିଲା କାହାକୁ ? ଏହା କ'ଣ ସମ୍ଭବ ! ସେତ ପାଠ ପଢ଼ା, ଗୀତ, ନାଚ ସବୁ ପ୍ରତିଯୋଗିତାରେ ଭାଗନେଇ ଫାଷ୍ଟ ହୁଏ, କଲେଜ ର ସବୁ ଶିକ୍ଷକ ତାକୁ ବହୁତ ଭଲ ପାଆନ୍ତି । ଆଉ ଏତେ ସ୍ମାର୍ଟ ଯେ ପୁଅମାନେ ତା ଛାଇ ମାଡ଼ିବାକୁ ଡରନ୍ତି, ହେଲେ ଆମେ ଦୁଇଜଣ କିନ୍ତୁ ପାଠପଢ଼ା କଥା ଅଧିକାଂଶ ସମୟ ନିଜ ନିଜ ଭିତରେ ପଚରା ପଚରି ହେଉ । ସେ କିନ୍ତୁ ସାଙ୍ଗ ବ୍ୟତିତ ମତେ କେବେ ଅନ୍ୟଦୃଷ୍ଟିରେ ଦେଖିନି, ହେଲେ ମୁଁ ସୁବର୍ଣ୍ଣା ସାଙ୍ଗରେ ମିଳାମିଶା ପରେ ଥରେ ମନହେଲା ସୁବର୍ଣ୍ଣାକୁ ମୋ ମନକଥା କହିଦେବି । ତା'ପରଦିନ ସାହାସ ବାନ୍ଧି ମୁଁ ତୋତେ ଭଲପାଏ ବୋଲି କହିଲି,ହେଲେ ସେ ମଲ୍ଲିଫୁଲିଆ ହସରୁ ଆଞ୍ଜୁଳାଏ ମୋ ଉପରକୁ ଫୋପାଡ଼ି ଦେଇ ଚାଲିଗଲା । ମତେ ଲାଗିଲା ମୋ କହିବାର ଅର୍ଥ ସେ ଯେପରି ବୁଝିପାରୁ ନଥିଲା । ତାହାହିଁ ଥିଲା ସତ, କାରଣ ସବୁଝିଅଙ୍କ ଠୁ ସେ ଥିଲା ନିଆରା ।

ତା'ପରେ ତାର ଦୁଃଖ କାହାଣୀ କହି ଚାଲିଲା, ରାକେଶ କୁ ଭଲପାଇ ବାହା ହେଇଗଲି, ଯାହା ଫଳରେ ସୁବର୍ଣ୍ଣାର ଘର ଲୋକ କେହିବି ରାଜି ନଥିଲେ, କାରଣ ସୁବର୍ଣ୍ଣାର ଘର ରାକେଶ୍ ଘର ଭିତରେ ଆକାଶ ପାତାଳ ପ୍ରଭେଦ ଥିଲା, ନା ଶିକ୍ଷାରେ ନା ଧନରେ, ହେଲେ ଏ ସବୁ ଖାତିରି ନ କରି ବାପା, ମା'ଙ୍କ ଧନ ପ୍ରତିଷ୍ଠା ସବୁକୁ ପଛରେ ଛାଡ଼ି ମୁଁ ରାକେଶ ର ଭଲପାଇବାକୁ ଭରସା କରି ଚାଲି ଆସିଲି । ହେଲେ ତାର ଉଦେଶ୍ୟଥିଲା ସଂମ୍ପୂର୍ଣ୍ଣ ଅଲଗା, ବର୍ଷକ ପରେ ତାର ନିଳବର୍ଣ୍ଣ ଶୃଗାଳ ରୂପ ରଙ୍ଗ ଛାଡ଼ିଗଲା, ଆଉ ଭୋକିବା ଆରମ୍ଭ କରିଦେଲା । ଭଲ ପାଇବାର ଛଳନା ଆଉ ମୋ ପାଖରେ ବେସିଦିନ ଲୁଚେଇ ପାରିଲାନି, ଯୌତୁକ ଲୋଭୀ କୁକୁର ମୋତେ କ୍ଷତ, ବିକ୍ଷତ କରିବାକୁ ଲାଗିଲା । ବାରମ୍ବାର ମାଡ଼, ଗାଳି

ଦେଇ ବାପ ଘରକୁ ଯାଇ ଗାଡ଼ି, ଘୋଡ଼ା, ଅମକ, ସମକ ସବୁ ନେଇ ଆ, ମୁଁ ଥିଲି ସ୍ୱାଭିମାନି, ମୁଁ ଯାଇ ବାପଘରୁ ଆଣିବାକୁ ଜମା ପସନ୍ଦ କଲିନି, ମୁଁ ସେମାନଙ୍କୁ ବୁଝାଇଲି, କହିଲି ଗୋଟେ ବର୍ଷ ସମୟ ଦିଅ ମୁଁ ପଢ଼ିକି ଚାକିରୀ କରିସବୁ ପୂରଣ କରିବି । ଅନ୍ୟଠୁ କାହିଁକି ମାଗିବା, ସେ ଲୋଭି ରାକ୍ଷସ ଭାବିଲା ଯାହାମୋତେ ସାଙ୍ଗେ ସାଙ୍ଗେ ମିଳିଯିବ ତା ପାଇଁ ବର୍ଷେ ପଢ଼ିବାକୁ ଅପେକ୍ଷା କରିବି, ହବ ନହେବ ଆଉ ଧୈର୍ଯ୍ୟ ନ ରଖି ବାପା, ମାଙ୍କ ପରାମର୍ଶରେ ଭାବିଲେ ତା ଦ୍ୱାରା କିଛି ହେଲାନି । ଯାକୁ ମାରି ଆଉଗୋଟେ ବାହାହେଲେ ଭଲ ଯୌତୁକ ମିଳିବ, ସେଥିପାଇଁ ଯୋଜନା ପ୍ରସ୍ତୁତ କଲେ, ମୁଁ ଯୋଜନାରୁ ଖସି ପୋଲିସ୍ ଥାନାରେ ରାତିରେ ପହଞ୍ଚିଲି, ପୋଲିସ ସେମାନଙ୍କୁ ବୁଝାଇ ସୁଝାଇ ମତେ ତାଙ୍କ ସାଙ୍ଗରେ ଯିବାକୁ ରାଜି କରାଇଦେଲେ । ସେମାନେ ଭୁଲ୍ ମାଗିଝିଅ ପରି ରଖିବୁ କହି ଦେଇ ଆସିଲେ, ହେଲେ ମୋର ଜମା ସୋମାନଙ୍କୁ ବିଶ୍ୱାସ ନଥିଲା, କାରଣ ମାଡ଼, ଗାଳିଥିଲା ଅଲଗା । ଯେତେବେଳେ ଜୀବନରୁ ମାରିବାର ଯୋଜନା ଆଉ ଧନ ଲୋଭର ସଇତାନ ମୁଣ୍ଡରେ ପସିଛି, ତାକୁ କେହିବି ଏମିତି ସହଜରେ ଭୁଲି ଯିବେନି । ମୁଁ ଆଉ ଗୋଟେ ଯୌତୁକ ଯୁଇରେ ଜଳୁଥିବା ବୋହୂ ହେବାକୁ ଚାହେଁନି । ପେପରରେ ଫାଳ ଫାଳ ଫଟ ବାହାର କରିବାକୁ ଦେବିନି, ମନରେ ଅଜସ୍ର ସାହାସ ସଞ୍ଚୟ କଲି, ସେଇଠୁ ତାଙ୍କ ସାଙ୍ଗରେ ଫେରିଲି, କାରଣ ଆଉ ବାଟ ନଥିଲା । ବାଟରେ ଭାବିଲି ଏଠୁ କେମିତି ଖସିବି, ରାକେଶ ଆଖିକୁ ଲକ୍ଷ କରି ଯୋରରେ ବିଧାଏ ମାରି ମୁଁ ଖସି ଆସିଲି, ହେଲେ ବାଟରେ ଗଲେ କାଳେ ମତେ ପାଇଯିବେ, ବାଟରେ ନ ଯାଇ ରାତିରେ ଭରା ନଈକୁ ଡେଇଁ ପହଁରି କୂଳରେ ଲାଗିଲି । ମୋ ଗର୍ଭରେ ସେତେବେଳକୁ ୫ମାସର ଶିଶୁଥାଏ । ତେଣୁ ମୋ ଦେହ ବହୁତ ଥଣ୍ଡା ହେଇଗଲା, ମୋ ଦେହ ବହୁତ ଥରୁଥାଏ,ଆଉ ପାଖରେ ଦେଖିଲି କୁଡ଼ିଆ ଘର ଖଣ୍ଡେ, ଆଉ ସେଠି ମିଞ୍ଜି, ମିଞ୍ଜି ଡିବିରି ଆଲୁଅ । ଡାକିଲି ଜଣେ ବୁଢ଼ୀ ଆସି ଖୋଲିଲା, ମତେ କିଛି ନ ପଚାରି ଭିତରକୁ ନେଇ ଲୁଗା ବଦଳାଇବାକୁ କହି ପୋଛିଦେଲା, ଆଉ ନିଆଁ ଜାଳି ସେକା, ସେକି କରିଦେଲା । ମୁଁ ଟିକେ ଆଶ୍ୱସ୍ତି ହେଲା ପରେ ସେ ସବୁ କଥା ମୋତେ ପଚାରିଲା, ସେଠି କିଛିଦିନ ରହିଲି, ଭାବିଲି ବୁଢ଼ୀ ଟି ଉପରେ କେତେ ବୋଝ ହେବି ? ଭାବିଲି ମୋର ଏ ଦୁର୍ଦ୍ଦଶା ଦେଖି ବାପା, ମା'ମନ କଷ୍ଟ କରିବେ । ତାଙ୍କ ମନ ନିଶ୍ଚେ ପରିବର୍ତ୍ତନ ହେଇଯିବ, କାରଣ ମୁଁ ତ ଏକମାତ୍ର ସନ୍ତାନ, ବହୁତ ଆଶା ନେଇ ସବୁ ସ୍ୱାଭିମାନକୁ ଜାଳିଦେଇ ବାପଘରକୁ ଫେରିଲି । ହେଲେ ମୋ ବାପା ଥିଲେ ଅଲଗା ପ୍ରକାର ମଣିଷ, ସେ ମୋ ଦୁଃଖ ଶୁଣି ସେ ଟିକେ ବି ବିଚଳିତ ହେଲେନି, କୌଣସି ଦୁଃଖ ତାଙ୍କ ଆଖିକୁ ଭିଜାଇ ପାରି ନଥିଲା । ସେମାନଙ୍କ ହୃଦୟ ପଥରଠୁ ଆହୁରି ଟାଣଥିଲା । ମୁଁ ନିଜକୁ ଆହୁରି ମଜବୁତ୍ କଲି, ମରିବାକୁ ଆଦୌ ଡରିଲିନି, ନିଜ ଲୁହକୁ ନିଜେ ଭଲଭାବେ ପୋଛିଦେଲି, ମନକୁ ଦମ୍ଭ କରି ଭାବିଲି ମୁଁ ତ ଅନ୍ୟମାନଙ୍କ ଭଳି ନମରି ତାକୁ ମାରି ତା ଆଖିକୁ ନଷ୍ଟ କରି ଆସିଛି, ତେଣୁ ପାପି ରାକ୍ଷସ ହାତରେ ନମରି ଆଉ ଯେମିତି ପଛେ ବଞ୍ଚେ, ଆଗକୁ ପାଦ ବଢ଼େଇଲି । ମୋ ପାଦ ମତେ ସେମାନଙ୍କ ଠୁ ବହୁ ଦୂରକୁ ନେଇ ଆସିଲା, ମୁଁ ଏଇଠି କାମକରି ବହୁ ଖୁସିରେ ଥିଲି, ଆଉ ମୋର ଏଇ ପୁଅଟିକୁ ଜନ୍ମଦେଲି । ହେଲେ ମାସେ ହେବ ମତେ ଜର ଜମା ଛାଡୁନି, ଯାହା ପଇସାଥିଲା ସରିଗଲାଣି । ଔଷଧ ପାଇଁ ମଧ୍ୟ ପଇସା ନାହିଁ, ପିଲାଟି ଭୋକରେ କାନ୍ଦୁଛି । ସୁବର୍ଣ୍ଣାକୁ ମୁଁ କହିଲି ଚାଲେ ତୋତେ ଡାକ୍ତର ଦେଖେଇ ଔଷଧ କିଣିଦେବି, ମୋ ଘରକୁ ନ ହେଲେ ଚାଲେ, ପଇସା କିଛି ରଖ ବୋଲି କହିଲି । ହେଲେ ସେ ସବୁକୁ ଏକାଥରେ ମନା କରିଦେଲା, ସେ କହିଲା ବାପା, ମା'ଙ୍କ ଠାରୁ ଫେରି ମୁଁ ମନେ ମନେ ଭାବିଥିଲି ଜୀବନରେ କାହାକୁ ମାଗିବିନି କି ଚୋରି କରିବିନି, କି ନିଜ ଚରିତ୍ରରେ ଦାଗ ଲାଗିବାକୁ ଦେବିନି । ତେଣୁ ମୋତେ କ୍ଷମା କରିଦେବ, ମୁଁ ଯାଉଛି ଯେଉଁଠି କାମ କରେ ତାଙ୍କ ଠାରୁ

ଆଗୁଆ କିଛି ପଇସା ଆଣିବି । ତୁମେ ବ୍ୟସ୍ତ ହୁଅନି, ତାର ମନଏତେ ଦୃଢ଼ ଦେଖି ମୁଁ ବାକ୍ୟହୀନ ହେଇଗଲି । ଦୁଃଖ କାହାଣୀ ଶୁଣି ମୋ ଦେହ ସେତେବେଳକୁ ଜଡ଼ ପ୍ରାୟ ହୋଇ ଯାଇଥିଲା । ମୋ ମୃତପ୍ରାୟ ଶରୀରରୁ ଲୁହ ଟିକେ ବାହାରୁ ନଥାଏ । ବହୁତ କଷ୍ଟ ଲାଗିଲା, ଅଫିସ ନ ଯାଇ ଘରକୁ ଫେରି ଆସିଲି ।

ଘରେ ଆସି କଲେଜ ବେଳର ସବୁ ଗୋଟେ ପରେ ଗୋଟେ ମନେ ପଡୁଥାଏ, ଯେଉଁ ଝିଅର ଓଠରୁ ସବୁବେଳେ ହସ ଝରୁଥିଲା, ଆଜି ତା ଆଖିରୁ ଲୁହ ସୁଖୁନି । ଯୋଉ ଝିଅ ଡ୍ରେସ ୫, ୬ ଥର ପିନ୍ଧିଲେ ସେ ଡ୍ରେସ୍ ଆଉ ପିନ୍ଧୁ ନଥିଲା, ସେ ପୁଣି ସାତସିଆଁ ଲୁଗା ପିନ୍ଧୁଛି । ଯିଏ ସାଙ୍ଗମାନଙ୍କୁ କେତେ କ'ଣ ଖାଇବାକୁ ଦେଉଥିଲା, ସେ ଆଜି ଭୋକରେ । ଯିଏ ଟିକେ ଛିଙ୍କିଦେଲେ ଘରକୁ ବଡ଼ ବଡ଼ ଡାକ୍ତର ଡକାହେଇ ଆସୁଥିଲେ, ସେ ପୁଣି ଔଷଧ ଟିକେ ପାଇଁ ଘୂରି ବୁଲୁଛି । ଏହି ସବୁ କଥା ଭାବି, ଭାବି କେତେବେଳେ ରାତି ଅଧ ହେଲାଣି, ସେମିତି ଆଖିରୁ ଅମାନିଆ ଲୁହଗୁଡ଼ା ବୋହି ଚାଲିଥାଏ । ମୁଁ ତକିଆକୁ ଛାତି ପାଖରେ ଜାକି ଧରି ଆଖି ଜୋର୍‌ରେ ବନ୍ଦ କରି ଲୁହ ଓ କୋହସହ ଯୁଦ୍ଧ କରୁଥିଲି, କାଳେ ଟିକେ ନିଦ ହେଇଗଲେ ହୃଦୟର ପୀଡା କମ୍ ହେଇଯିବ । ଆଖିର ଲୁହ ଓ ହୃଦୟର କୋହ ଭିତରକୁ ହଠାତ୍ ନିଦ ଧସେଇ ହେଇ ପସିଆସିଲା । ସମସ୍ତେ ଯୁଦ୍ଧରୁ ଓହରି ଗଲେ, ଆଉ ମୁଁ ଶୋଇ ପଡ଼ିଲି । କଥାରେ ଅଛି ମରଣ କାଳେ ନିଦ୍ରା ଗଲେ ଯମ କି ଛାଡ଼ିଦେବ ଭଲେ, ସେଇ ନିଷ୍ପାପ ମୁହଁଟି ହଠାତ୍ ମୋ ସ୍ୱପ୍ନରେ ଆସିଲା, ମୁଁ ଦେଖିଲି ସୁବର୍ଣ୍ଣ ରାସ୍ତା କଡ଼ରେ ମରି ପଡିଛି । ଆଉ ଛୁଆଟି ତା ପେଟ ଉପରେ ଖେଳିକୁଦି ସୁଖିଲା ରୁଟିକୁ ଛିଣ୍ଡାଇ, ଛିଣ୍ଡାଇ ଖାଉଛି, ଆଉ ଲୋକମାନେ ରୁଣ୍ଡହେଇଛନ୍ତି । ହେଲେ ପିଲାଟି ରୁଟି ଟି ଖାଇ ହସୁଛି, ଆଉ ସମସ୍ତେ କହୁଛନ୍ତି ଆହା ଝିଅଟି ମରିଗଲା, ହଠାତ୍ ଏହି ଶବ୍ଦରେ ମୋର ନିଦ ଭାଙ୍ଗିଗଲା ମୁଁ ଚମକି ପଡ଼ି ଉଠି ପଡ଼ିଲି । ମତେ ସତପରି ଲାଗିଲା, ଜର ବି ହୋଇଥିଲା । ମୋ ଦେହ ଭୟରେ ଥରୁଥାଏ, ମୁଁ ଠାକୁରଙ୍କୁ ଡାକୁଥାଏ, ଏ ସ୍ୱପ୍ନ ମୋ ପାଇଁ ଅଶୁଭ ସ୍ୱପ୍ନ ନହେଉ । ରାତି ପାହିବା ମାତେ ଯାଇ ସେଇଯାଗା ଦେଖିଲି, କାଇଁ ସେମିତି କିଛି ଘଟିନିତ ! ମନକୁ ସ୍ଥିର କଲି, ଭାବିଲି ଏଇଠି କୋଉଠି ସେ ରହୁଥିବ, ପଚାରି ପଚାରି ପାଇଗଲି । ସେ ସକାଳୁ ଦୁଆର ଓଳଉ ଥିଲା, ମତେ ଦେଖି ଆଶ୍ଚର୍ଯ୍ୟ ହେଇଗଲା । ମୁଁ ତାକୁ କହିଲି ତୁ ତ ଅନ୍ୟର କାମ କରୁଛୁ, ଚାଲେ ମୋର କାମ କରିବୁ, ମୁଁ ତ କାମ କରିବା ଲୋକ ଖୋଜୁଥିଲି, ତୁ କାହିଁକି ନ କରିବୁ ? ମୋର କାମ ସାରିଦେଇ ମୁଁ ଅଫିସ୍ ଯିବା ପରେ ପଢ଼ା ପଢ଼ି କରିବୁ, ତୋ ଦରମା ପଇସାରେ ବହିପତ୍ର କିଣିବୁ ମୋ ସର୍ଭ୍ୟାଣ୍ଟ କ୍ୱାଟରରେ ରହିବୁ । ଆଉ ପଢ଼ିକି ଦେଖେଇ ଦେବୁ ଯେ ତୁ ଗୋଟେ ଓ.ଏ.ଏସ୍. ଅଫିସର ଝିଅ, ଆଉ ସ୍ୱାମୀକି ଦେଖେଇ ଦେବୁ ଝିଅମାନେ ଶାଶୁ ଘରକୁ ଆସିଥାନ୍ତି ପୁଳାଏ ଯୌତୁକ ଦେବେ ନ ହେଲେ ଜିଅନ୍ତା ପୋଡ଼ା ନ ହେଇ ନିଜ ଗୋଡ଼ରେ ଠିଆ ହେଇ ମଣିଷ ପରି ସମାଜରେ କିପରି ବଞ୍ଚିବେ । ମୁଁ ଜାଣିଥିଲି ସେ କାହାର ଦୟାର ପାତ୍ର ହେବାକୁ କେବେ ଚାହିଁବନି, କି ମୋ ସାଙ୍ଗରେ ଆସିବନି । ତେଣୁ ମୋତେ ଏହି ନିଷ୍ଠୁର ସତ୍ୟକୁ କହିବାକୁ ମୋ ଜିଭକୁ ବାଧ୍ୟ କଲି, ଯାହା ହେଉ ସେ ମୋ ପ୍ରସ୍ତାବରେ ରାଜିହେଇ ଗଲା । ଆଉ ମୋ ଘରକୁ ଆସିଲା, ସବୁ କାମ ସାରି ଅକ୍ଳାନ୍ତ ପରିଶ୍ରମ କରି ରାତି ଦିନ ଏକ କରି ପଢ଼ିଲା । ୪ ବର୍ଷ ବିତିଗଲା ଓ.ଏ.ସ୍ ପରୀକ୍ଷା ଦେଇ ଚାଲିଲା, ଥରେ ଦି ଥର ନିରାସ ହେବାକୁ ପଡିଲା, ହେଲେ ଶେଷରେ ସଫଳ ହେଲା ।

ସୁବର୍ଣ୍ଣ ଥିଲା ଠିକ୍ ସୁନା ଭଳି, ସୁନାଟା ପୋଡ଼ା ହେଲେ ଯେମିତି ତାର ଗୁଣ ଆହୁରି ବଢ଼େ । ସେମିତି ଦୁଃଖରେ ସୁବର୍ଣ୍ଣାର ଗୁଣ ବଢ଼ି ଯାଇଛି, ହେଲେ ସୁବର୍ଣ୍ଣା ରୂପକୁ ସୁନାକୁ କେହି ଚିହ୍ନି ପାରିଲେନି, ପ୍ରେମିକ ଓରଫ ସ୍ୱାମୀ ଥରେ ଭାବିଲାନି ଯିଏ ଘର, ଦ୍ୱାର, ବାପା, ମା', ଧନ ଦୌଲତ କୁ ତୁଚ୍ଛ ମଣି ମୋ ଭଲ ପାଇବାକୁ ତାର ସର୍ବସ୍ୱ ବୋଲି ଭାବି ମୋ ସାଙ୍ଗେ ମୋ ଘରକୁ ଆସିଥିଲା ।

ମୁଁ ତାକୁ ଜାଳିବାକୁ ପଛେଇଲିନି, ଟିକେ ନିଆଁ ବାଜି ଫୋଟକା ଟିଏ ହେଲେ କେତେ କଷ୍ଟ ଆଉ ନିଜ ଦେହରେ ନିଜେ କେବେ କିରୋସିନ୍ ଢ଼ାଳି ନିଆଁ ଥରେ ଲଗେଇ ଦେଖିଲ, କେତେ ଯନ୍ତ୍ରଣା । ଆଉ ଶାଶୁ, ଶ୍ୱଶୁର ତମ ଝିଅ ଏମିତି ଅବସ୍ଥାରେ ଜଳିଗଲେ ତମେ ବଞ୍ଚି ପାରିବ ? ସେ ତୁମ ଝିଅ ନ ହେଲା ନାହିଁ, ସାମାନ୍ୟ ଗୋଟେ କୁକୁର କି ବିଲେଇ ଦେହରେ ନିଆଁ ଲଗେଇବାକୁ ଲୋକ ଭୟ କରୁଛନ୍ତି ପାପକୁ, ତୁମେ ଜଦି ଗୋଟେ ଛୋଟ ପିମ୍ପୁଡ଼ି କୁ ଜୀବନ ଦେଇ ପାରୁନ । ମନୁଷ୍ୟ ଭଳି ଶ୍ରେଷ୍ଠ ପ୍ରାଣୀ ଆଉ ଭଗବାନଙ୍କ ଦିଆ ଜୀବନକୁ ନଷ୍ଟ କରିବାକୁ ତମେ କିଏ ? ଆଉ ରହିଲା ଯୌତୁକ ଆଣିବା, ଯେଉଁ ଯୌତୁକ ଆଣିବା ତାହା କ'ଣ ଆମର ସବୁ ସମସ୍ୟାର ସମାଧାନ କରିଦେବ । ଆଉ ଶାଶୁ, ଶ୍ୱଶୁର ଭାବିଲ ସତରେ କଣ ତମ ଯୋଗ୍ୟ ନିକମା ପୁଅ ଯୌତୁକ ଆଣିଲେ ଯୋଗ୍ୟ ହେଇଯିବ ? ନା ପୁଳାଏ ଯୌତୁକ ଆଣିଛ ବୋଲି ସମାଜରେ ବାହା ବାହା କରି ପ୍ରଶଂସା କରି ଗୋଟେ ପୁରସ୍କାର ଦେବେ ? ଆଉ ରହିଲା ମାରିବା - ମାରିଦେଲେ ତୁମେ କ'ଣ ଶାନ୍ତିରେ ରହିବ, ନାଁ ନର ହତ୍ୟାକାରୀ ର ପାପ ତୁମ ଆତ୍ମାକୁ ଚୋଟ ମାରୁଥିବ । ତା'ପରେ ତ ଜେଲ୍ ଦଣ୍ଡ ଅଛି । ସାଇ ପଡ଼ିଶାରେ ଅପନିନ୍ଦା, ଏସବୁ ଠୁ ପ୍ରତି ମିନିଟ୍‌ରେ ମରିବା ଠୁ ଆଉ କ'ଣ ଦଣ୍ଡ ଅଛି ? ତାକୁ ତ ମାରିଦେବ ଗୋଟେଦିନ ହେଲେ ପ୍ରତି ସେକେଣ୍ଡ୍‌ରେ ତୁମେ ମୃତ୍ୟୁକୁ ଅନୁଭବ କରିବ ।

ଆଉ ରହିଲେ ବାପା, ମା' ନିଜ ଜନ୍ମ କରିଥିବା ପିଲାପ୍ରତି ଏତେ ନିଷ୍ଠୁର କେମିତି ହେଇ ପାରୁଛ ? ଗୋଟେ ଭୁଲ୍ ପାଇଁ ତା ପାଇଁ ଏତେ ବଡ଼ଶାସ୍ତି, ସେ କ'ଣ ତମ ପାଖରେ କେବେ ଛୋଟବେଳୁ ଭୁଲ୍ କରିନି ? ତୁମେ ତ ପୁଣି ତାଗିଦ୍ କରି କୋଳକୁ ନେଇଛ, ଭାବିଲ ମନେ ମନେ ତୁମେ କ'ଣ କେବେ ଜୀବନରେ କୌଣସି ଭୁଲ୍ କରିନ ? ଚାକିରୀ କ୍ଷେତ୍ରରେ ହେଉ, ପିଲାଙ୍କ କ୍ଷେତ୍ରରେ ହେଉ କି ତୁମ ବାପା ମା'ଙ୍କ କ୍ଷେତ୍ରରେ ହେଉ ଥରେ ତୁମମାନଙ୍କୁ ପଚାରିଲ, ଝିଅଟିକୁ ଯେଉଁ ଅସହାୟ ଅବସ୍ଥାରେ ଛାଡ଼ିଦେଲ, କାଲି ତୁମ ବୟସ ହଟିଲେ ଜରା, ବ୍ୟାଧି ଆଉ ମୃତ୍ୟୁ ଏତ ତୁମ ଜୀବନରେ ଦିନେ ନା ଦିନେ ଆସିବ ନା ? ସେତେବେଳେ ତୁମର କିଏ ସାହାହେବ ? ତୁମ ସାଇପଡ଼ିଶା, ପ୍ରତିଷ୍ଠା, ଗର୍ବ, ଅହଙ୍କାର, ଗାଡ଼ି, ଘର ଯା ଭିତରୁ ତୁମ ପାଇଁ କିଏ କାନ୍ଦିବ ? ଆଉ କିଏ ତୁମ ଦୁର୍ଦ୍ଦିନର ସାହାରା ହେବ ଆଉ କିଏ ତୁମ ସେବା କରିବ ? ଏମାନଙ୍କୁ ଥରଟେ ପଚାରି ବୁଝିଲ ?

ସୁବର୍ଣ୍ଣାକୁ ତା କର୍ମକ୍ଷେତ୍ରରେ ଛାଡ଼ି ଆସିଲି, ସେ ଆଜି ଓ.ଏ.ଏସ୍ ଅଫିସର । ମୋ ମନ ଭାରି ଖୁସି, ମୁଁ କିନ୍ତୁ ତୁମମାନଙ୍କ ପରି ଅମଣିଷ ହେଇନି । ତୁମେ କେହି ସୁନାକୁ ଚିହ୍ନି ପାରିଲନି, କିନ୍ତୁ ମୁଁ ଠିକ୍ ଚିହ୍ନିଥିଲି, ମୁଁ କିନ୍ତୁ ବଣିଆ ପରି ତାକୁ ତରଳାଇ ନୂଆ ଜିନିଷ ଗଢ଼ିବାକୁ ଚାହେଁନି । ସେହି ସୁନା ସେମିତି ରହୁ, ସେ ମୋ ପରିଚୟ କି ତା ସ୍ୱାମୀ ପରିଚୟ କି ତା ବାପାର ପରିଚୟ ନଦେଇ ତା ନିଜ ପରିଚୟ ରେ ବଞ୍ଚୁ, ଆଉ ମୁଁ ମଧ୍ୟ ଏସବୁ ସାହାଯ୍ୟ ନିଜ ଭଲପାଇବାକୁ ବାହାଘର ରୂପ ଦେବାକୁ କରୁଥିଲି ବୋଲି ସେ କେବେ ନ ଭାବୁ । ତେଣୁ ମୁଁ ଅଲଗା ଯାଗା ବାହାହେଇ ଯିବି ।

ଯାହା ହେଉ ସେଦିନର ସ୍ୱପ୍ନ ମୋର ଅଶୁଭଥିଲା ସତ, କିନ୍ତୁ ପ୍ରକୃତରେ ସ୍ୱପ୍ନ କେବେ ଅଶୁଭ ହୁଏନି, ବରଂ ମଣିଷ କୁ ଚେତେଇ ଦିଏ । ସତର୍କ ହେବା ପାଇଁ, ସେ ଦିନର ଅଶୁଭ ସ୍ୱପ୍ନ ଆଜି ମୋତେ କେତେ ବଡ଼ କାମ କରିବାକୁ ସାହାଯ୍ୟ କଲା ।

ନୂଆପଡ଼ା, ବାଲିସାହି, କଟକ

୦୦୦୦

# ମାଉଁସ

ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ରୋଷେଇ ଘରୁ ବାସ୍ନା ଭାସି ଆସୁଛି ମା'ଙ୍କ ହାତ ରନ୍ଧାର ବାସ୍ନା, ଉଷୁନା ଭାତ ସାଙ୍ଗକୁ ମୁଗଡାଲି ଓ ତା ସାଙ୍ଗରେ ଖାସି ମାଂସ ତରକାରୀ । ମା'ଙ୍କର ହାତରନ୍ଧା, ପୁଣି ମାସଂ ତରକାରୀ ବହୁତ ପ୍ରିୟ ଅନ୍ୱେଷାର । ରବିବାର ଦିନ ପ୍ରାୟ ଏହି ମାଉଁସ ତରକାରୀ ମାଆ କରନ୍ତି, ତା ସହିତ ଉଷୁନା ଭାତର ବାସ୍ନା । ସପ୍ତାହ ଯାକ ଅପେକ୍ଷା କରନ୍ତି ପିଲାମାନେ କେମିତି ସେହି ଦିନ ଆସିବ ଏହି ସୁଆଦିଆ ଖାଦ୍ୟ ଖାଇବାର ବେଳ । ମାଆ ର ମନ କିଏ ଜାଣିବ କେତେ ମମତା ତା'ର ପିଲାମାନଙ୍କ ପାଇଁ, କେଉଁ ପିଲା କେଉଁ ପସନ୍ଦର ଖାଦ୍ୟ ଖାଇବ କେତେବେଳେ ଖାଇବ, କିପରି ଖାଇବ ଠିକ୍ ଠିକ୍ ସମୟରେ ସଜାଡ଼ି ଦିଏ ସେ ବିନା ଦ୍ୱିଧାରେ ।

ତିନି ସପ୍ତାହ ହେଲା ପାଟିରେ ଏଇ ମାଂସ ତରକାରୀ ର ସ୍ୱାଦ ବାଜିନି । ମା'ଙ୍କର ତାଗିଦ ଅବାର ପଡ଼ିଲେ ଘରକୁ ଆମିଷ ଆସିବନି ତେଣୁ ଦୁଇ ରବିବାର ସଂକ୍ରାନ୍ତି ଓ ବାଟଓଷା ପଡ଼ିଥିଲା । ସେଥିପାଇଁ ମନଟା ଖାଲି ଖାଇବା ଟେବୁଲ ଉପରେ ସେଇ ମାଉଁସ ତରକାରୀକୁ ହିଁ ଅପେକ୍ଷା କରନ୍ତି । ମଣିଷ ସବୁବେଳେ ରସନା ଦ୍ୱାରା ଆସକ୍ତ । ଜିଭ ଚାଖଣ୍ଡକର କେତୋଟି ମୁହୂର୍ତ୍ତକୁ ହସ ଯୋଗାଏ ସେ ଅତି ଆନନ୍ଦରେ । କେତେ ଯେ ମୁହୂର୍ତ୍ତକୁ ଉପଭୋଗ କରିବାକୁ ବାଟାଳ ପରି ଚାହିଁଥାଏ ସେ । ମନଏକ ଉଡ଼ନ୍ତା ପକ୍ଷୀ ଏଇଠି ଥାଏ ଏଇଠି ନଥାଏ । ଯେଉଁ ଥିରେ ଲାଗିଥିବ ସେଥିରୁ ବାହାରିବା ବହୁତ କଷ୍ଟ ପୁଣି ଯେଉଁଥିରେ ଲାଗୁନଥିବ ସେହି ସମ୍ବନ୍ଧୀୟ କାର୍ଯ୍ୟକରିବା ମଧ୍ୟ ବହୁତ କଷ୍ଟସାଧ୍ୟ । କ୍ଷଣିକ ଆନନ୍ଦ ହେଲେ ମଧ୍ୟ ଏହି କ୍ଷଣିକତାର ଆନନ୍ଦ ଉଲ୍ଲାସ ଭିତରେ ଅହନିଶି ଲାଗିରହେ ।

ଆଜି ଅନ୍ୱେଷା ସଅଳ ସଅଳ କାମ ସବୁ ସାରିଲାଣି, ସକାଳୁ ଟ୍ୟୁସନ୍ ସାରଙ୍କ ହୋମୱାର୍କ ମଧ୍ୟ ସାରିଦେଇଛି । ନିତ୍ୟକର୍ମମାନ ମଧ୍ୟ ଶୀଘ୍ରସାରି ପକାଇଛି, ଖାଇବାର ସ୍ୱାଦରେ ଏମିତି ବିଭୋର ଯେ କେତୋଟି ମୁହୂର୍ତ୍ତରେ ଉପଭୋଗ ପାଇଁ କଷ୍ଟକର କାମ ଗୁଡ଼ିକ ମଧ୍ୟ ସହଜ ପରି ମନେହେଉଛି ତା'କୁ । ଉପଭୋଗ୍ୟ ଯେଉଁଠି କାମ୍ୟ ହୋଇଯାଏ ସେଠି ମନଟା ଚଳଚଞ୍ଚଳ ହୋଇଉଠେ କାରଣ ଭୋଗ, ଉପଭୋଗ, ସୁଖ, ଲାଳସା ଏଗୁଡ଼ିକ ଭାରି ଭଲ ଲାଗେ ମଣିଷକୁ । ଆନନ୍ଦରେ ବିଭୋର ହୋଇଯାଏ । ସବୁ କଷ୍ଟ ସାଧ ମୁହୂର୍ତ୍ତକୁ ମଧ୍ୟ ସାମ୍ନା କରିବାକୁ ପଛଘୁଞ୍ଚା ଦିଏନି ।

ମାଆଙ୍କର ଡାକ ଶୁଭିଲା ଆସ ଖାଇବ ଟେବୁଲ ଉପରେ ବଢ଼ା ହେଲାଣି । ଯିଏ ଯେଉଁଠି ଥିଲେ ସମସ୍ତେ ଟେବୁଲ ପାଖରେ ପହଞ୍ଚିଲେ । ବହି ଖଣ୍ଡିକ ଥୋଇଦେଇ ଅନ୍ୱେଷା ମଧ୍ୟ ଟେବୁଲ୍ ପାଖରେ ପହଞ୍ଚିଗଲାଣି । ମୁହଁରେ କ୍ଷଣିକ ଆଭା ମାଂସ ତରକାରୀକୁ ଦେଖି । କ୍ଷଣିକ ଝଲକରେ ଉଦ୍‌ଭାସିତ ହେଉଛି ତା'ର ମୁଖମଣ୍ଡଳଟି, ବାପା ଓ ଭାଇ ସହିତ ଖାଇ ବସିଲା ଅନ୍ୱେଷା । ଆନନ୍ଦ ହସ ଖୁସିରେ ଖିଆ ଚାଲିଲା । ବାପା କହିଲେ ଆଜି ତରକାରୀଟା କେମିତି ନିଆରା ହୋଇଛି । ସାନଭାଇ ଅନିମେଷ ଖାଇଲା ବେଳଠୁ ତରକାରୀର ସ୍ୱାଦ ଟାକୁ ଖାଲି କହିଚାଲିଛି ଓ ଚାଲିଛି । ହାତ ଚାଟିଚାଟି ତରକାରୀ ମାଗି ମାଗି ଖାଇ ଚାଲିଛି । କିନ୍ତୁ ସବୁଦିନ ମାଂସ ତରକାରୀର ସ୍ୱାଦ ଯେପରି ଲାଗେ ଆଜି କାହିଁକି ସେମିତି ଅନୁଭବ କରୁନି ଅନ୍ୱେଷା । ବହୁତ କଷ୍ଟରେ ତରକାରୀ ଅଳ୍ପ ଖାଇଲା, ମାଆ ଯେତେ ପଚାରୁଛନ୍ତି ଆରେ, ଆଉଟିକେ ତରକାରୀ ନେ.... ଅନ୍ୱେଷା କିନ୍ତୁ ମୁଣ୍ଡ ହଲାଇଛି ନାଁ ମା ମୁଁ ଆଉ ଖାଇବିନି ।

ନିଜର ସ୍ୱାର୍ଥ ପାଇଁ ମଣିଷ ସବୁ କିଛି କରିପାରେ, ସେଥିପାଇଁତ ପରମ ସ୍ୱାର୍ଥପର ଜୀବ ହେଉଛି ମଣିଷ । ବହୁତ କଷ୍ଟରେ ଟେବୁଲ ପାଖରୁ ଖାଇ ଉଠିଲା ଅନ୍ୱେଷା

। ସବୁଦିନ ପରି ମାଂସ ତରକାରୀ ଆଜି ତାକୁ କେମିତି ବିତୃଷ୍ଣା ଲାଗୁଥିଲା । ତଣ୍ଟି ପାଖରୁ ଆଉ ତଳକୁ ଢୋକିବାକୁ ମଧ୍ୟ ଇଚ୍ଛା ହେଉନଥିଲା ତା'ର, କେମିତି ଏକ ନିଆରା ଅନୁଭୂତି ଆସୁଥିଲା ତା'ର ମନ ଭିତରେ । ବହୁ କଷ୍ଟରେ ଶୋଇବାକୁ ଗଲା ସେ ବିଛଣାକୁ ସାଙ୍ଗରେ ଅନିମେଷ ମଧ୍ୟ । ବିଛଣା ଉପରେ ଖାଲି ଏପଟ ସେପଟ କରି ଲେଉଟେଉଛି ସେ କାହିଁକି ଏମିତି ଅନୁଭବ ଆସୁଛି ତା'ର ମନିଭିତରେ । ସତେଯେମିତି କେଉଁ ଅତି ଆପଣାର ପ୍ରାଣକୁ କଷ୍ଟ ଦେଇଛି ସେ । କିଛି ବୁଝି ପାରିଲାନି ସେ, ଅପା ତୁ ଆଜି କାହିଁକି ମାଂସ ତରକାରୀ ଭଲରେ ଖାଇଲୁନି । ତୁତ ଆଗରେ ପଛରେ ମାଗି ଖାଇବାଲୋକ । ଆଜି କ'ଣ ହେଲା ତୋର ? ଜାଣିଛୁ ଆଜି ମୋତେ ମାଂସ ତରକାରୀ ବହୁତ ସୁଆଦ ଲାଗିଲା । କାହିଁକି ଜାଣିଛୁ ବାପା ଆଜି ନିଜେ, ଯାଇ ପଡ଼ିଶା ଘର ରେବତୀ ଅପା ଘରୁ ମାଂସ ଆଣିଥିଲେ । ରେବତୀ ଅପା ପାଳିଥିବା ମାଣିକ ଛେଳିର ମାଂସ । ହଠାତ୍ ଚମକି ପଡ଼ିଲା, ଅନ୍ୱେଷା ମାଣିକ ନାଁ ଶୁଣି । କେତେ ଆଦରକରେ ସେ ମାଣିକକୁ ଯେଉଁଠି ଯାହା ଖାଇବା ପାଏ ତାକୁ ନେଇ ଦିଏ । ତା'ର ସୁନ୍ଦର ଦେହକୁ ଆଉଁସି ଦିଏ । ବାଟରେ ଯାଉଯାଉ ଯେତେବେଳେ ତା ସହିତ ଭେଟ ହୋଇଯାଏ ତାକୁ ଆଉଁଷି ଦିଏ ସେ ଓ ମାଣିକ ମଧ୍ୟ ତା'ର ଜାମା ତଳେ ମୁଣ୍ଡରଖି ମେଁ ମେଁ କରି କ'ଣ ସବୁ କହିଯାଏ । ମନେ ପଡ଼ିଯାଉଛି ତା ସହିତ ସେଇ ମୁହୂର୍ତ୍ତ ଗୁଡ଼ିକ । କେତେ ନିର୍ଦ୍ଦୟ ସତରେ ମଣିଷ ନିଜର ସ୍ୱାର୍ଥପାଇଁ ଏତେବଡ଼ ଜୀବଟାକୁ ବି ମାରିବାକୁ ପଛାଏ ନାହିଁ ।

ଭାବନାଟା ସବୁବେଳେ ଉଦ୍‌ବେଳନ ସୃଷ୍ଟିକରେ ମଣିଷ ମନରେ । ଏତିକି ଟିକେ କଥାକୁ ନେଇ କେତେକ'ଣ ଗୁଡାଏ ଭାବିବସେ ସେ । କ୍ଷୁଦ୍ରଭିତରେ ବୃହତ ଦିଶେ, ବିନ୍ଦୁଭିତରେ ସିନ୍ଧୁ କଥା ଭାବେ । ଆଉ ମନଲାଗୁନି ଅନ୍ୱେଷାର ଘରେ । ଶୋଇବା ଘରୁ ସିଧା ଧାଇଁଲା ରେବତୀ ମାଉସୀର ଛେଳିଗୁହାଳ ଭିତରକୁ ଦେଖିଲା, ମାଣିକ ଯାଗାଟା ଖାଲିପଡ଼ିଛି । ଖାଲି ଖୁଣ୍ଟିଟିକୁ ଜାବୁଡ଼ି ଧରି କେତେ କାନ୍ଦିଲା ଅନ୍ୱେଷା । ସେଇ ଖୁଣ୍ଟ ଭିତରକୁ ମାଣିକ ତାକୁ ଯେମିତି ବିଦ୍ରୁପକରି କହୁଥିଲା । "ସ୍ନେହ ଦେଲେ ସ୍ନେହ ମିଳେ କିନ୍ତୁ ତୁମପରି ମଣିଷ ମାନେ ସ୍ନେହ ବଦଳରେ ମୃତ୍ୟୁ ଦିଅନ୍ତି" ହଠାତ୍ ଆବାକ୍ ହୋଇଗଲା ଅନ୍ୱେଷା । ମାଣିକର ସେହି ପଦକ କଥା ତା'କୁ ନିର୍ବାକ କରିଦେଲା । ତା'ର ମେଁ ମେଁ ଶବ୍ଦରେ ଫାଟିପଡ଼ିଲା ତାର କାନ ଦୁଇଟି । ଆଖିକୁ ଆଉକିଛି ଦିଶିଲାନି, କେତେ ଧିକ୍‌କାର କଲା ସେ ନିଜକୁ । ଯାହାକୁ ସେ ଏତେ ଆଦର କରୁଥିଲା ଦେନେ ନ ଦେଖିଲେ ପାଗଳ ହୋଇଯାଉଥିଲା । ଆଦରରେ ତ'ାର ବେକରେ ଏକ ଘଣ୍ଟି ବାନ୍ଧି ଦେଇଥିଲା । ଟିକେ ସାଉଁଳି ଦେଲେ ତାର ପ୍ରତିବଦଳରେ ସେ ଚାଟି ଦେଉଥିଲା । ତା'ର ସମଗ୍ର ଶରୀରଟିକୁ କେତେ ସେହ୍ନହରେ ବନ୍ଧା ସତେ ଏ ପଶୁମାନେ କିନ୍ତୁ ହାୟ ! ଆମେ ମଣିଷ ବୁଝୁନା ସ୍ନେହ, ଶ୍ରଦ୍ଧାକୁ । ନିଜର ସ୍ୱାର୍ଥକୁ ଆଗରେ ରଖି ସବୁକିଛିକୁ ଭାଙ୍ଗି ଚୁର୍‌ମାର୍ କରିଦେଉ ଆମେ, ନିର୍ବାକ ହୋଇ ଫେରିଲା ଘରକୁ ।

ଭାବନା ମଣିଷକୁ ସଜାଗ କରାଏ, ଚଳଚଞ୍ଚଳ ମନକୁ ରୁଗ୍‌ଣ କରିଦିଏ । ସୁଖ ବୋଲି ଭାବୁଥିବା ବସ୍ତୁଟି ଦୁଃଖର ଅନୁଭୂତି ଦିଏ । ହସ ପରି ପ୍ରତୀୟମାନ ହେଉଥିବା କଥାରୁ ଲୁହ ଝରିପଡ଼େ । ସେଦିନ ଯେତେ ଶୋଇବାକୁ ଚାହିଁଲା ଅନ୍ୱେଷା ଆଉ ଶୋଇ ପାରିଲାନି । ସେହି ନୀରିହ ଜୀବର ମୁହଁ, ମେଁ ମେଁ ଶବ୍ଦ, ସ୍ନେହର ଭାବ ଏସବୁଗୁଡ଼ିକ ତା'ର ବାକ୍ ରୁଦ୍ଧ କରି ଦେଉଥିଲା ଯେମିତି । ତା ଶରୀରରୁ ସମସ୍ତ ଅଂଗ ପ୍ରତ୍ୟଂଗ ସତେ ଯେମିତି ରୁଗ୍‌ଣ ହୋଇ ଯାଉଥିଲେ ।

ରାତିପାହି ସକାଳ ହେଲାଣି ଯା ଭିତରେ । ସକାଳର ତତ୍ପରତା ଭିତରେ ସମସ୍ତେ ନିଜ ନିଜ କାମ କରି ବସିଲେଣି, ଅନିମେଷ ସ୍କୁଲ ପାଇଁ ବାହାରି ସାରିଲାଣି କିନ୍ତୁ ଅନ୍ୱେଷା ଯେ ଏ ପର୍ଯ୍ୟନ୍ତ ଉଠିନି ବିଛଣାରୁ । ମାଆ ପାଣିଆସିଲେ ଶୋଇବା ଘର ଭିତରକୁ । ଆରେ ଖୋଲା କରି ଅନ୍ୱେଷା ଚାହିଁ ରହିଛି ଉପରକୁ । ମାଆ ଡାକିଲେ ଅନୁଆଜି ସ୍କୁଲ ଯିବୁନି ଉଠ୍ ଡେରି ହେଲାଣି । ହଠାତ୍ ମଣିଷର ସ୍ୱର ଶୁଣି ଅନୁ କାନ୍ଦି ଉଠିଲା "ନାଁ ମୋତେ

ମାରନି ମାରନି, ମୋତେ ଛାଡ଼ିଦିଅ ଛାଡ଼ିଦିଅ'' । ଯେତେ ଡାକିଲେ ବି ସେ ଆଉ ଉଠୁନି ବରଂ ଭୟରେ କୋଠରୀର ଏକ କୋଣରେ ପଡିରହିଛି ନିଃସହାୟ ଭାବରେ । ଦୌଡ଼ିଗଲେ ମାଆ ତା ପାଖକୁ ଆଦରରେ ଟେକି ଧରିଲେ ତାକୁ ମା'ଙ୍କର ପାଟି ଶୁଣି ବାପା ମଧ୍ୟ ଧାଇଁଲେ ଅନୁପାଖକୁ କିନ୍ତୁ ଏତେଗୁଡ଼ିଏ ମଣିଷକୁ ପାଖରେ ଦେଖି ପୁଣି ଅନୁ ପାଟିକରି କହିଲା "ନାଁ ମୋତେ ମାରନି ମାରନି ଛାଡ଼ି ଦିଅ ଛାଡ଼ିଦିଅ" । ହତବାକ୍ ହୋଇଗଲେ ମାଆ ଓ ବାପା କ'ଣ ହେଲା ଆମଝିଅର ଯେତେ ପାଖକୁ ଯାଉଥାନ୍ତି ସେତେ ଭୟରେ ଘୁଞ୍ଚି ଯାଉଥାଏ ଅନ୍ୱେଷା । ଭୟ ଓ କାତରତାରେ କମ୍ପିଲାବେଳେ ହଠାତ୍ ଅଣନିଃଶ୍ୱାସୀ ହୋଇ ଶୋଇପଡ଼ିଲା ସେ । ହାତମୁଠାରୁ ଆବିଷ୍କାର କଲେ ମା' ଗୋଟିଏ ଛୋଟିଆ ଘଣ୍ଟିଟିକୁ, କହି ଉଠିଲା ଅନିମେଷ ଇଏ ତ ସେହି ମାଣିକର ଘଣ୍ଟି । ନିର୍ବାକ ହୋଇଗଲେ ବାପା ମାଆ । ସବୁଛାଡି ସିଧା ଚାଲିଲେ ଡାକ୍ତରଙ୍କ ପାଖକୁ । ଝିଅର ଏପରି ଅବସ୍ଥାରେ ଭାଙ୍ଗିପଡ଼ି ମର୍ମାହତ ହୋଇ ପଡିଲେ ସେ । ସେହିଦିନ ଠାରୁ ଏତେ କଥା କହୁଥିବା ଆଦରର ଝିଅ ପାଟିରୁ ଆଉ କଥା ପଦେ ମଧ୍ୟ ସେ ଶୁଣି ପାରିନାହାଁନ୍ତି । ଭୟ ଓ ଭୀତତ୍ରସ୍ତ ଅବସ୍ଥାରେ ବାଚାଳଙ୍କ ପରି ନିର୍ଣ୍ଣିମେଷ ନୟନରେ ଚାହିଁରହେ ସମସ୍ତଙ୍କୁ । ଅନେକ କଥା ତା ଭିତରେ ଉଙ୍କିମାରିଲେ ବି ତା'ର ପାଟିରୁ କିଛି ମଧ୍ୟ ଶବ୍ଦ ବାହାରେ ନାହିଁ । ଭୟ, ଘୃଣା ଓ ବିତୃଷ୍ଣାରେ ସରଳ ଆଖିଯୋଡ଼ିକ ସବୁବେଳେ ଇଆଡ଼େ ସିଆଡ଼େ ଚାହୁଁଥାଏ । ହସ ଖୁସି ଭିତରୁ ସରଳ ମନଟା ସବୁବେଳେ ଧାଇଁଯାଏ ସେହି ନୀରିହ ପଶୁଟି ପାଖକୁ । ନିର୍ଣ୍ଣିମେଷ ନିୟନଟି ସବୁବେଳେ ଯେମିତି କାହାକୁ ଖୋଜୁଥାଏ ।

ବିବେକ ରୂପକ ନ୍ୟାୟମୂର୍ତ୍ତି ଆମ ପାଖରେ ଥାଇ ମଧ୍ୟ ଆମ୍ଭେ ସମସ୍ତେ ଗୋଟିଏ ଗୋଟିଏ ଦୋଷୀ । ପାପ ପୁଣ୍ୟ ବିଚାର କରିବାର ଶକ୍ତିଥାଇ ମଧ୍ୟ ଆମେ ସମସ୍ତେ ପାପୀ । ସୁଖଦୁଃଖକୁ ଜାଣିବାର ଉପଲବ୍ଧି କରି ମଧ୍ୟ ଆଜି ମଣିଷ ଦୁଃଖୀ । ହସ ଓ ଲୁହର କାରଣ ଜାଣି ମଧ୍ୟ ଆମ୍ଭେ ସମସ୍ତେ କାନ୍ଦୁଛୁ କାହିଁକି ନାଁ ମଣିଷ ସ୍ୱାର୍ଥପର ଓ ଅହଂସର୍ବସ୍ୱ । ଝିଅର ଏପରି ଅବସ୍ଥା ଦେଖି ପଶ୍ଚାତାପ କରୁଛନ୍ତି ବାପା ମାଆ । ଆମର କ୍ଷଣିକ ସୁଖ ପାଇଁ ଏପରି ହତ୍ୟା ବାସ୍ତବିକ୍ କେତେ ମର୍ମସ୍ପର୍ଶୀ । ମଣିଷ ଯାହାକୁ ସ୍ନେହଶ୍ରଦ୍ଧାର ଡୋରୀରେ ବାନ୍ଧିଦେଇପାରେ ପୁଣିତାକୁ ସ୍ୱଳ୍ପ ସମୟ ଲାଗେ ଏଇ ଡୋରୀକୁ କାଟି ଦେଇ ତାକୁ ମୃତ୍ୟୁ ମୁଖକୁ ଠେଲି ଦେବାପାଇଁ, କ୍ଷଣିକ ସୁଖ ଓ ଉପଭୋଗ ପାଇଁ କ'ଣ ନକରି ବସେ ସେ ? ସୁଖ ଓ ଇନ୍ଦ୍ରିୟ ଲାଳସା ଯେ ତା'ର ଶରୀର ଓ ମନପାଇଁ ଏକ ବ୍ୟାଧି ଏହାକୁ ଜାଣିମଧ୍ୟ ସେ ତା'ର ପଛରେ ଗୋଡାଏ । ଅଯାଚିତ ଅଜଣା ରୋଗାକ୍ରାନ୍ତ ହୁଏ ତଥାପି ଲାଳସାକୁ ଛାଡି ପାରେନା ସେ । ରୋଗଗ୍ରସ୍ତ ହୋଇ ଗୋଟିଏ ଗୋଟିଏ ଅଂଗକୁ ହରେଇ ବସେ କିନ୍ତୁ ରୋଗର କାରଣକୁ ଖୋଜେନି । ଯେତେବେଳେ ତା'ର ଅହଂକାରକୁ ସେ ବୁଝିବାକୁ ଚେଷ୍ଟାକରେ ସେତେବେଳେ ନେଢ଼ିଗୁଡ କହୁଣୀକୁ ବୋହିଯାଇଥାଏ । ଯେତେପ୍ରକାର ଉଦ୍ୟମ ପରେ ମଧ୍ୟ ଅନୁ ସେମିତି ଚାହିଁଥାଏ ଅକାଶକୁ । ମାପି ଚାଲିଥାଏ ମଣିଷର ଭଲପାଇବାର ଗଭୀରତାକୁ । ତାର ଅହଂ ସର୍ବସ୍ୱମନକୁ । ଏତିକି ବେଳେ ଗଭୀର ଦୁଃଖରେ ବାପା ଘୋଷଣା କଲେ ଆଜିଠାରୁ ଆମିଷ ଖାଇବା ନିଷେଧ । ହିଂସ୍ରତା ନୁହେଁ ସେହ୍ନରେ ହିଁ ଅନ୍ୟର ମନ କିରିହୁଏ । ଭଗବାନ ସୃଷ୍ଟିରେ ମଣିଷମାନଙ୍କ ଖାଦ୍ୟନିମନ୍ତେ କେତେ କ'ଣ ଖଞ୍ଜି ଦେଇ ନାହାଁନ୍ତି ସତରେ ଭଗବାନ ମଣିଷ ପାଇଁ ଖାଇବାକୁ ପ୍ରକୃତିର ଗନ୍ତାଘର ଭିତରେ ଫଳ, ପନିପରିବା, ଶସ୍ୟ ଠାରୁ ଆରମ୍ଭ କରି ସବୁକିଛି ତାଙ୍କରି ଅବଦାନ ମଣିଷପାଇଁ ତଥାପି ମଣିଷ ଏସବୁକୁ ପଛରେ ପକାଇ ହତ୍ୟାକରି ବସେ ନୀରିହ ପଶୁପକ୍ଷୀମାନଙ୍କୁ ନିଜର ମଣିଷପଣିଆ ଓ ଅହଂକାରକୁ ସାବ୍ୟସ୍ତ କରିବା ପାଇଁ । ଏକାସ୍ୱରରେ ବାପା ମାଆ ଉଦ୍‌ଘୋଷଣା କଲେ "ଆସ ସାକାହାରୀ ହେବା ଓ ଅନ୍ୟର ଆତ୍ମାକୁ ଚିହ୍ନିବା" ।

ଅଧ୍ୟାପିକା ଓଡ଼ିଆ ସାହିତ୍ୟ ବିଭାଗ,
ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ
ନୟାଗଡ଼, ମୋ : ୯୪୩୭୫୩୬୬୩୧

# ଆଲୋଚନା : ଯାତ୍ରାକଦମ୍ବ ଓ ଶ୍ରୀଜଗନ୍ନାଥ

ଡକ୍ଟର ପ୍ରଦୀପ କୁମାର ଦାସ

ନିଳାଦ୍ରୀ ବିହାରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ଯାତ୍ରା କାଳେ କାଳେ ମଣିଷର ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ଜୀବନକୁ ପ୍ରଭାବିତ କରିବା ସହିତ ତାର ପ୍ରାଣର ଅତଳ ପ୍ରଦେଶରେ ଏକ ଅପୂର୍ବ ଶିହରଣ ସୃଷ୍ଟି କରିଥାଏ, ଶ୍ରୀଜଗନ୍ନାଥଙ୍କର ଯାତ୍ରାସମୂହ କେବଳ ପ୍ରାଚୀନ ସାହିତ୍ୟିକମାନଙ୍କୁ ନୁହେଁ ସାଂପ୍ରତିକ କବି, ଔପନ୍ୟାସିକ ତଥା ଗାଳ୍ପିକମାନଙ୍କୁ ବହୁଭାବରେ ବୁଦ୍ଧିମନ୍ତ କରିଛି । ତେବେ ପ୍ରାଚୀନ କବିମାନଙ୍କର ଲେଖନୀରେ ଏହି ଯାତ୍ରାସମୂହ ବିଭିନ୍ନ ପ୍ରକାର ଶୈଳୀ ଓ ଚମତ୍କାରିତାରେ ପରିସ୍ଫୁଟ ହୋଇଛି । କେବଳ ଓଡ଼ିଆ କବିମାନଙ୍କର ଲେଖନୀରେନୁହେଁ ସଂସ୍କୃତ, ହିନ୍ଦୀ ଓ ବଙ୍ଗଳା ସାହିତ୍ୟର କବିମାନଙ୍କ ଲେଖନୀରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଯାତ୍ରାବର୍ଣ୍ଣନା ଚମତ୍କାର ରୂପ ନେଇଛି । ସଂସ୍କୃତ ସାହିତ୍ୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ଦ୍ୱାଦଶଯାତ୍ରା ସଂପର୍କରେ କୁହାଯାଇଛି –

"ମଞ୍ଚା ସ୍ନାନଂ ରଥବରଗତିଃ ଶାୟନ ଗୟନେ
ଦ୍ୱେ, ପାର୍ଶ୍ୱବୃ ତ୍ତିଃ ଶୟପରିହୃତିଃ ପ୍ରବୃ ତ୍ତିଷ୍ଠ ପୁଷ୍ୟପୂଜା ।
ଦୋଳାକେଳିର୍ଦମନକ ମହୋଂକ୍ଷସ୍ୟ ପୁଣ୍ୟା ତୃତୀୟା,
ଯାତ୍ରା ସ୍ଥାନେ ହରିପ୍ରତି- ମୟୋର୍ଦ୍ଧାଦଶେତି ପ୍ରଣୀତା ।"

ଦେବସ୍ନାନ, ରଥାଯାତ୍ରା, ହରିଶୟନ ଏକାଦଶୀ ଓ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ଦ୍ୱୟ, ଉତ୍ଥାପନ ଏକାଦଶୀ, ପ୍ରାବରଣ ଷଷ୍ଠୀ, ପୁଷ୍ୟାଭିଷେକ, ଦୋଳପୂର୍ଣ୍ଣିମା, ଦମନକ ଚତୁର୍ଦ୍ଦଶୀ, ଚନ୍ଦନଯାତ୍ରା, ଦକ୍ଷିଣାୟନ ଓ ଉତ୍ତିରାୟଣ ସଂକ୍ରାନ୍ତି – ଏହି ଦ୍ୱାଦଶଯାତ୍ରା ଜଗନ୍ନାଥଙ୍କ ମୌଳିକ ଯାତ୍ରା ରୂପରେ ପ୍ରସିଦ୍ଧ ।ଏତଦ୍‌ବ୍ୟତୀତ ୨୬ଟି ଉପଯାତ୍ରା ଓ ୨୦୯ଟି ପର୍ବପର୍ବାଣୀ ପରବର୍ତ୍ତୀ ସମୟରେ ବିଭିନ୍ନ ରାଜପୁରୁଷ ଓ ଭକ୍ତମାନଙ୍କ ସୃଷ୍ଟି ହୋଇଅଛି । ଅନୁରୂପ ଭାବରେ ଆଲୋଚ୍ୟ କବି ଦୀନଦାସ ତାଙ୍କର ଅନ୍ୟତମ ଖଣ୍ଡକାବ୍ୟ 'ଯାତାକଦମ୍ବ'ରେ ନିଳାଦ୍ରୀବିହାରୀ ଶ୍ରୀଜଗନ୍ନାଥଙ୍କର ବାରଯାତ୍ରା ଅତ୍ୟନ୍ତ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । 'ଯାତ୍ରାକଦମ୍ବ' ଏଠାରେ ଶ୍ରୀଜଗନ୍ନାଥଙ୍କର ଯାତ୍ରାସମୂହ ଭାବରେ କୁହାଯାଇଛି । ଯାତ୍ରାକଦମ୍ବ ଏକ ଖଣ୍ଡକାବ୍ୟ । ଶ୍ରୀଜଗନ୍ନାଥଙ୍କର ବାରଯାତ୍ରାକୁ କେନ୍ଦ୍ରକରି ଏହା ରଚିତ ହୋଇଅଛି । ବାରଯାତ୍ରା ପ୍ରସଙ୍ଗରେ କବି ଲେଖିଛନ୍ତି–

"ପ୍ରଥମରୁ ଶ୍ରୀସ୍ନାନଯାତ୍ରା ଗୁଣ୍ଡିଚାତଦନ୍ତ
ତହୁଁ ଶୟନ କକଡ଼ା ଅୟନ ସଙ୍ଗୃତ ଯେ ।୨୪।
ତଦନ୍ତରେ ପାର୍ଶ୍ୱପରିବାର୍ତ୍ତନ ଯେ ହୁଏ
ତହୁଁ ଉପସ୍ଥାପନ (ଉତ୍ଥାପନ) ଯାତ୍ରା ସର୍ବ ସୁଖମୟ
ଯେ ।୨୫।
ତହୁଁ ପ୍ରାବରଣ ଷଷ୍ଠୀ ପୁଷ୍ୟା ଅଭିଷେକ
ମକରଯାତ୍ରା ତଦନ୍ତେ ଦୋଳଯାତ୍ରା ଟେକ ଯେ ।୨୬।
ତହୁଁ ଦମନକ ଚତୁର୍ଦ୍ଦଶୀ ଯାତ୍ରାହୋଇ
ତଦନ୍ତେ ଚନ୍ଦନଯାତ୍ରା ବାରଯାତ୍ରା ଯହିଁ ଯେ ।
(ଯାତ୍ରା କଦମ୍ବ/ପ୍ରଥମଛାନ୍ଦ)

କବି ନିଜକୁ 'ଯାତ୍ରାକଦମ୍ବ'ର ପ୍ରତ୍ୟେକ ଛାନ୍ଦର ଶେଷରେ ଦୀନହୀନ ଭାବରେ ପରିଚୟ ଦେଇଥିଲେ ମଧ୍ୟ ଦ୍ୱାଦଶ ଛାନ୍ଦର ଶେଷରେ ନିଜକୁ ପିମ୍ପୋଲଗ୍ରାମ ନିବାସୀ ରଘୁନାଥ ଦାସଙ୍କ ସାନ ପୁତ୍ର ଭାବରେ ବର୍ଣ୍ଣନା କରିଛନ୍ତି । ଜଣାଯାଏ କବିଙ୍କ ପିତା ରଘୁନାଥ ଦାସ ମହନ୍ତ ବୈଷ୍ଣବ ସେବାକରି ତାଙ୍କରି ପ୍ରସାଦରୁ ପୁତ୍ର ପ୍ରାପ୍ତ ହୋଇଥିଲେ । ପୁଣି ସେହି ମହନ୍ତ ବୈଷ୍ଣବଙ୍କ ପ୍ରସାଦରୁ 'ଯାତ୍ରାକଦମ୍ବ' ରଚନା ଶେଷ ହୋଇପାରିଲା ବୋଲି କବି ସ୍ୱୀକାର କରିଛନ୍ତି । ତେଣୁ ପୁରୀ ଜିଲ୍ଲାର ଅଧୁନାତନ ପିପିଲି ଗ୍ରାମର ଦୀନଦାସଙ୍କୁ 'ଯାତ୍ରାକଦମ୍ବ'ର ରଚୟିତା

ଭାବରେ ନିର୍ଦ୍ୱନ୍ଦରେ ଗ୍ରହଣ କରାଯାଇପାରେ । ପୁଣି କବି ଶ୍ରୀବୀରକେଶରୀଙ୍କ ଚତୁର୍ଥ ଅଙ୍କରେ ଏ ରଚନା ସମାପ୍ତ ହୋଇଥିଲା ବୋଲି କାବ୍ୟ ପ୍ରସଙ୍ଗରେ ଲେଖିଛନ୍ତି ।

'ପ୍ରାଚୀନଉତ୍କଳ'ରେ ଶ୍ରୀବୀରକେଶରୀଦେବଙ୍କ ସଂପର୍କରେ ଲେଖାଅଛି – "ବୀରକେଶରୀ ଦେବ- ଏ ୪୩ ବର୍ଷ ରାଜତ୍ୱ କଲେ । ୧୭୩୭-୧୭୮୦ ଖ୍ରୀଷ୍ଟାବ୍ଦ, ୧୬୫୯-୧୭୦୨ ଶକାବ୍ଦ ୫ ଅଙ୍କରେ ମରହଟ୍ଟାମାନେ ମୋଗଲମାନଙ୍କୁ ତଡିଦେଇ ରାଜତ୍ୱକଲେ । ଏହିଠାରୁ ମୋଗଲବନ୍ଦି ହେଲା । ଦେଉଳ ଉତ୍ତରଦ୍ୱାର ଗୁମୁଟବେିଷ୍ଟିତ ହୋଇଥିଲା । ରାଜାଜ୍ଞା ପ୍ରମାଣେ ଅଷ୍ଟଗ୍ରାସୀ ଗୋସାଇଁ ତୋଳାଇଥିଲେ । ସ୍ନାନବେଦୀର ପହଣ୍ଡପଥର ବସାଇଲେ । ଖଟ, ଶେଯଘର, ଶୟନଘର, ଚାଙ୍ଗଡ଼ାଘରମାନ ନୂତନ ନିର୍ମାଣ କଲେ । ଡମର ସିଂହ ଦେଉଳ ଚାରିପାଖରେ ପଥର ବସାଇଲେ ଓ ଚକଡ଼ା କଲେ ।" (ପ୍ରାଚୀନଉତ୍କଳ/ଜଗବନ୍ଧୁ ସିଂହ) ଏଥିରୁ ଜଣାପଡ଼େ ଦୀନଦାସଙ୍କ 'ଯାତ୍ରାକଦମ୍ବ' ଶ୍ରୀବୀରକେଶରୀଦେବଙ୍କ ରାଜତ୍ୱର ପ୍ରଥମ ଭାବରେ ୧୭୪୦ ଖ୍ରୀଷ୍ଟାବ୍ଦ ବା ୧୬୬୨ ଶକାବ୍ଦରେ ରଚନା କରାଯାଇଥିଲା । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ କବି ଦୀନଦାସ ତତ୍କାଳୀନ ଓଡ଼ିଆ ସାହିତ୍ୟର ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ସମସାମୟିକ । "ଯାତ୍ରାକଦମ୍ବ"ର ପ୍ରଥମ ଛାନ୍ଦରେ କବି ଲେଖିଛନ୍ତି –

"ଯାତ୍ରାକଦମ୍ବ ନାମରେ ପ୍ରବନ୍ଧରଂଚନ
କରିବାପାଇଁ ବଳୁଅଛି ମୋର ମନ ଯେ ।୫।
ସ୍କନ୍ଦପୁରାଣ କଥା ତ କ୍ଷେତ୍ର ମହାତ୍ମରୁ
କହୁଅଛି କ୍ଷେମାକର ତୁମ୍ଭେମାନେ ଗୁରୁଯେ ।୧୨।

ଭାରତୀୟ ଧର୍ମଗ୍ରନ୍ଥମାନଙ୍କ ମଧ୍ୟରେ ଅଷ୍ଟାଦଶ ପୁରାଣର ମହତ୍ତ୍ୱ ସର୍ବାଗ୍ରଗଣ୍ୟ । ସକଳ ଧର୍ମଦର୍ଶନର ଉତ୍ସ 'ବେଦ'ର ଗୂଢ଼ ତତ୍ତ୍ୱ ଯେତେବେଳେ ଜନସାଧାରଣଙ୍କ ପକ୍ଷରେ ଅବୋଧ୍ୟ ହୋଇଉଠିଲା ସେତେବେଳେ ଲୀଳାମୟ ପରମାତ୍ମା ମହର୍ଷି ବେଦବ୍ୟାସ ରୂପରେ ଅବତୀର୍ଣ୍ଣ ହୋଇ ମାନବ ସମାଜର କଲ୍ୟାଣ ସାଧନ ନିମିତ୍ତ ବେଦର ଗୂଢ଼ାର୍ଥକୁ ସାଧାରଣ ପକ୍ଷରେ ସୁବୋଧ୍ୟ କରାଇଲେ । ତେଣୁ ପଣ୍ଡିତ ଶ୍ରୀ ହରିହର ମିଶ୍ର ଲେଖିଛନ୍ତି – "ଯେଉଁ ତତ୍ତ୍ୱ ମନଇନ୍ଦ୍ରିୟ ଓ ବୁଦ୍ଧିର ପରପାରରେ ଭାବାତୀତ କ୍ଷେତ୍ରରେ ଲୁଚି ରହିଥିଲା ତାହା ପୁରାଣ ମାଧ୍ୟମରେ ସାଧାରଣଙ୍କର ଉପଭୋଗ୍ୟ ହୋଇପାରିଲା ।" (ପଣ୍ଡିତ ଶ୍ରୀହରିହର ମିଶ୍ର / ସ୍କନ୍ଦପୁରାଣ / ବ୍ରତଭିକ୍ଷା / ଉତ୍କଳଖଣ୍ଡ) ଅଷ୍ଟାଦଶ ପୁରାଣର ଅନ୍ୟତମ ସ୍କନ୍ଦପୁରାଣରେ କାର୍ତ୍ତିକେୟ ଶିବଙ୍କର ତତ୍ତ୍ୱ ନିରୂପଣ କରିଥିବାରୁ ଏହାର ନାମ ସ୍କନ୍ଦପୁରାଣ । ଏହା ମାହେଶ୍ୱର, ବ୍ରହ୍ମ, ବୈଷ୍ଣବ, କାଶୀ, ରେବା, ତାପୀ ଓ ପ୍ରଭାସ ଭେଦରେ ସାତଖଣ୍ଡ ଏବଂ ଏହାମଧ୍ୟରୁ ବୈଷ୍ଣବଖଣ୍ଡର ଅନ୍ତର୍ଗତ 'ଉତ୍କଳଖଣ୍ଡ' । ଏଥିରେ ପୁରୁଷୋତ୍ତମ କ୍ଷେତ୍ରର ମହିମା, ଉତ୍କଳଦେଶବର୍ଣ୍ଣନ, ଇନ୍ଦ୍ରଦ୍ୟୁମ୍ନ ପ୍ରସଙ୍ଗ, ପୁରୁଷୋତ୍ତମ ବୃତ୍ତାନ୍ତ ବର୍ଣ୍ଣନ, ନୀଳମାଧବ ପ୍ରସଙ୍ଗ, ବିଶ୍ୱାବସୁ ପ୍ରସଙ୍ଗ, ଦାରୁଦେବତା ପ୍ରତିଷ୍ଠା ପ୍ରସଙ୍ଗ ଏବଂ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଯାତ୍ରା ପ୍ରସଙ୍ଗ ବର୍ଣ୍ଣିତ ହୋଇଅଛି । ଆଲୋଚ୍ୟ ପ୍ରବନ୍ଧର କବି ଦୀନଦାସ ସ୍କନ୍ଦପୁରାଣର ଏହି ଉତ୍କଳଖଣ୍ଡରେ ବର୍ଣ୍ଣନା ହୋଇଅଛି । ଆଲୋଚ୍ୟ ପ୍ରବନ୍ଧର କବି ଦୀନଦାସ ସ୍କନ୍ଦପୁରାଣର ଏହି ଉତ୍କଳଖଣ୍ଡରେ ବର୍ଣ୍ଣନା କରାଯାଇଥିବା ଶ୍ରୀଜଗନ୍ନାଥଙ୍କର ଯାତ୍ରାସମୂହ ନିକଟରେ ଅନେକ ପରିମାଣରେ ଋଣୀ । ସ୍କନ୍ଦପୁରାଣ (ଉତ୍କଳଖଣ୍ଡ)ର ଏକବିଂଶ, ତ୍ରୟୋବିଂଶ, ପଞ୍ଚତ୍ରିଂଶ, ଷଟତ୍ରିଂଶ, ଚତ୍ୱାରିଂଶ, ଏକଚତ୍ୱାରିଂଶ, ଦ୍ୱିଚତ୍ୱାରିଂଶ, ଚତୁଶ୍ଚତ୍ୱାରିଂଶ ଛାନ୍ଦରେ ଯଥାକ୍ରମେ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା, ଗୁଣ୍ଡିଚାଯାତ୍ରା, ବାହୁଡ଼ାଯାତ୍ରା, ଶୟନୁତ୍ସବ, ପୁଷ୍ୟାଭିଷେକଉତ୍ସବ, ମକରଯାତ୍ରା, ଦୋଳଯାତ୍ରା ଇତ୍ୟାଦି ବର୍ଣ୍ଣନା କରାଯାଇଛି । କବି ଦୀନଦାସ ସ୍କନ୍ଦପୁରାଣର ଏହି ଯାତ୍ରାବର୍ଣ୍ଣନା ଅନୁସରଣରେ ରଚନା କରିଛନ୍ତି ଖଣ୍ଡକାବ୍ୟ 'ଯାତ୍ରାକଦମ୍ବ' ।

ଯେପରି ବେଦର ନିଗୂଢ଼ ତତ୍ତ୍ୱକୁ ସୁଗମ କରିବାପାଇଁ ସୃଷ୍ଟିହେଲା ପୁରାଣ ସାହିତ୍ୟ, ସେହିପରି

କେତେକ ବିଶିଷ୍ଟ କାରଣ ଯୋଗୁ ପୁରାଣ ସାହିତ୍ୟ ପରେ ପରେ ଆସିଥିଲା କାବ୍ୟ କବିତାର ଯୁଗ । କେତୋଟି କାରଣ ଦର୍ଶାଇ ଶ୍ରୀ ବ୍ରଜମୋହନ ମହାନ୍ତି କହନ୍ତି "ଓଡ଼ିଆ ପୁରାଣ ପାଠକଲେ ଯେ ଧର୍ମଲାଭ ହେବ, ଏପରି ବିଶ୍ୱାସ ମଧ୍ୟ ଅନେକଙ୍କର ଜାତ ହୋଇ ପାରିଲା ନାହିଁ । ଅନ୍ୟପକ୍ଷରେ ଓଡ଼ିଶାରେ ବ୍ରହ୍ମ, ବାୟୁ, ନାରଦ, ମାର୍କଣ୍ଡ, ଅଗ୍ନି, ବାମନ, କୂର୍ମ, ମତ୍ସ୍ୟ ଓ ଗରୁଡ଼ ପୂଜାର ବିଶେଷ ପରଂପରା ନଥିବା ହେତୁ ଏହି ପୁରାଣଗୁଡ଼ିକ ଜନମାନସରେ ସୁଦୃଢ଼ ଆସନ ପାତିବା କଷ୍ଟକର ହୋଇପଡ଼ିଲା । (ପୁରାଣ ପରିକ୍ରମା/ଶ୍ରୀ ବ୍ରଜମୋହନ ମହାନ୍ତି) ଏହା ବ୍ୟତୀତ ଓଡ଼ିଆ କବି ତଥା ପାଇକମାନେ ଓଡ଼ିଆ କାବ୍ୟସୁନ୍ଦରୀଙ୍କୁ ସଂସ୍କୃତସମ ଏକ ନିର୍ଦ୍ଦିଷ୍ଟରୂପରେ ଅଳଙ୍କାରଯୁକ୍ତା ରସବତୀ ଭାବରେ ଉପଭୋଗ କରିବାକୁ ଚାହିଁଲେ । ତେଣୁ ପୁରାଣ ସାହିତ୍ୟର ଏକ ନିର୍ଦ୍ଦିଷ୍ଟ କଥାବସ୍ତୁ ଅନୁସରଣରେ ଜନ୍ମନେଲା ହାସ୍ୟଲାସ୍ୟମୟୀ ଅଳଂକୃତା କାବ୍ୟସୁନ୍ଦରୀ । ସେହିପରି ଭାବରେ କାବ୍ୟସୁନ୍ଦରୀ 'ଯାତ୍ରାକଦମ୍ବ'ର ସୃଷ୍ଟି । ସ୍କନ୍ଦପୁରାଣର ଅନୁସରଣରେ ଏହା ରଚନା କରାଯାଇଥିଲେ ମଧ୍ୟ କାବ୍ୟସୁଲଭ ବିଭିନ୍ନ ଗୁଣାବଳୀ ଏହାର ବୈଶିଷ୍ଟ୍ୟ ।

କବି ଦୀନଦାସ କାବ୍ୟାରମ୍ଭରେ ଇଷ୍ଟସ୍ତୁତି, ସାଧୁବନ୍ଦନା, କାବ୍ୟର ଆଲୋଚ୍ୟବିଷୟ ବର୍ଣ୍ଣନା କରିସାରିବା ପରେ ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ଏହି କ୍ଷେତ୍ରରେ ଅଧମ କାକ ଚତୁର୍ଭୁଜ ହୋଇଥିଲା । ଏହି କ୍ଷେତ୍ରର ମହିମାବର୍ଣ୍ଣନା କରିବା ପାଇଁ ବେଦ ଅକ୍ଷମ ଏବଂ ଏହି କ୍ଷେତ୍ରରେ ବୃତ୍ତାନ୍ତର କୌଣସି କର୍ତ୍ତୃତ୍ୱ ନଥାଏ । ସେହି କ୍ଷେତ୍ରର ପତ୍ରିଷ୍ଠିତ ଦେବତା ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ମହିମା ଏବଂ ଯାତ୍ରା ସମୂହ ବର୍ଣ୍ଣନା କରିବା ପାଇଁ ସେ ଇଚ୍ଛାପ୍ରକାଶ କରିଛନ୍ତି । ବିଶେଷକରି ସେ ଏହି ରଚନାରେ ସ୍ନାନଯାତ୍ରା, ଗୁଣ୍ଡିଚାଯାତ୍ରା, ରଥରକ୍ଷାବିଧି, ଦକ୍ଷିଣାୟନ ଉତ୍ସବ, ଓଢ଼ଣ ଉତ୍ସବ, ଦୋଳ ଉତ୍ସବ ଇତ୍ୟାଦି ବର୍ଣ୍ଣନା କରିଛନ୍ତି । ପ୍ରଥମେ ସ୍ନାନଯାତ୍ରା ଉତ୍ସବ ବର୍ଣ୍ଣନା କରିଛନ୍ତି ।

'ଯାତ୍ରାକଦମ୍ବ'ରେ ଦୀନଦାସ ଅନୁରୂପ ଭାବରେ ବର୍ଣ୍ଣନା କରିଛନ୍ତି । ସ୍ନାନଯାତ୍ରା ଆରମ୍ଭ କରିବା ପାଇଁ ପରମଭକ୍ତ ଇନ୍ଦ୍ରଦ୍ୟୁମ୍ନ ନୃପତି ଆଜ୍ଞା ଦେଇଛନ୍ତି ବୋଲି ସେ ବର୍ଣ୍ଣନା କରିଛନ୍ତି । ଜ୍ୟେଷ୍ଠପୂର୍ଣ୍ଣିମା ପୂର୍ବଦିନ ମଞ୍ଚ ମଣ୍ଡନ ଆଦି ବିଧାନ କଲାପରେ ସ୍ୱର୍ଣ୍ଣଘଟରେ ଜଳଆଣି ଚତୁର୍ଦ୍ଦଶୀଦିନ ନିଶା ଅର୍ଦ୍ଧରେ ଅଧିବାସ କରିବ । ଠାକୁରଙ୍କର ସ୍ନାନମଣ୍ଡପକୁ ଗମନକାଳୀନ ଦୃଶ୍ୟ ବର୍ଣ୍ଣନା କରି କବି ଲେଖିଛନ୍ତି –

"ତହୁଁ ମନ୍ଦେ ମନ୍ଦେ ଶ୍ରୀବଳଦେବ
ଆଗେ କରି ଜଗନ୍ନାଥଙ୍କୁ ନେବ
ସୁଭଦ୍ରା ସୁଦରଶନ ସହିତେ
ତୁଳି ଉପରେ ରଖିଣ କିଛିତେ
ଝୁଲି ଝୁଲି ବିଜେ କରିବା ଭଙ୍ଗି
ମହାଯୋଗୀ ଯୋଗ ଦିଅଇ ଭାଙ୍ଗି"

ଏହିପରି ଭାବରେ ସ୍ନାନମଣ୍ଡପରେ ବିଜେ କଲାପରେ ସ୍ନାନକାର୍ଯ୍ୟ ଏବଂ କ୍ଷୀନବସନ ଦ୍ୱାରା ବେଶ ସମାପନ କରିବ । କେବଳ ମୁଖ ବ୍ୟତୀତ ଅନ୍ୟସବୁ ଅଙ୍ଗ ଆଚ୍ଛାଦିତ ହୋଇ ରହିବ । ଏହି ସମୟରେ ଦର୍ଶନ କଲେ ସମସ୍ତ ମନୋକାମନା ପୂର୍ଣ୍ଣ ହୁଏ ବୋଲି କବି କହିଛନ୍ତି । ପ୍ରଭୁଙ୍କର ସ୍ନାନ ସମାପନ ପରେ ଷଡ଼ରସ ଭୋଜନ ପ୍ରଦାନ କରିବାକୁ କବି ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଦିବା ଅନ୍ନବ୍ୟଂଜନ, ଖିରୀ, ଖିରୀସା, ଖେଚଡ଼ି, ମୁଗ, ମରିଚପଣା, ଶାଗଭଜା, ଶାକରା, ଲଡୁ, ବଡ଼ା, ଦିବ୍ୟଗଜା, ପଣା, କାନ୍ତିସର, ରସାଳପଣସ, କୋରା, ଶାକର ଏପରିକି ଭୋଜନ ପରେ ବିଡ଼ିଆଲାଗି ପର୍ଯ୍ୟନ୍ତ କବି ବର୍ଣ୍ଣନା କରିଛନ୍ତି । ସେହିପରି ଶ୍ରୀଗୁଣ୍ଡିଚା ଯାତ୍ରା ପ୍ରସଙ୍ଗରେ ଅକ୍ଷୟତୃତୀୟା ଦିନ ନିୟମାନୁଯାୟୀ ବନଯୋଗ ସାରି ବିଶ୍ୱକର୍ମା ପୂଜା ସହିତ ମଙ୍ଗଳଘୋଷ ପୂର୍ବକ ଗଣନାଥଙ୍କୁ ଆରାଧନା କରି ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ବିଷୟ କବି ବର୍ଣ୍ଣନା କରିଛନ୍ତି । ବିଭିନ୍ନ ରଥର ନିର୍ମାଣ ପଦ୍ଧତି ମଧ୍ୟ ବର୍ଣ୍ଣନା କରାଯାଇଛି । ତିନି

ଠାକୁରଙ୍କର ରଥ ଗମନକାଳୀନ ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ । କବି ବର୍ଣ୍ଣନା କରିଛନ୍ତି –

"ଘଣ୍ଟ ମଧୁର ଶବଦହୋୟେ ସେକାଳେ
ଆଗେ ବିଜେ କରିଛନ୍ତି ବଳଭଦ୍ର ତାଳେ
ତହୁଁ ଶ୍ରୀପତି ଭଦ୍ରା ସଙ୍ଗେ ଆସନ୍ତି
ଦରଶନେ ମଜ୍ଜିଛନ୍ତି ଦେବତା ପତି । ୧୯ ।
ଘୁଂ ଘୁଂ କଟ କଟ ଧ୍ୱନି କରିଣ ତହିଁ,
ତିନିରଥ ରାଜପଥେ ଗମନ ବିହି" ।

(୩ୟ ଛାନ୍ଦ/ଯାତ୍ରାକଦମ୍ବ)

ଏହି ବର୍ଣ୍ଣନା ମନେପକାଇଦିଏ ବ୍ରଜନାଥ ବଡ଼ଜେନାଙ୍କ 'ଗୁଣ୍ଡିଚାବିଜେ'ର ତାଳଧ୍ୱଜ, ନନ୍ଦୀଘୋଷ ତଥା ଦେବଦଳନ ରଥଚଳନ ଜନିତ ଶବ୍ଦ ।

ଏହା ବ୍ୟତୀତ ଗୁଣ୍ଡିଚା ମଣ୍ଡପ ବର୍ଣ୍ଣନା, ଲକ୍ଷ୍ମୀଙ୍କର ରୋଷ, ରଥ ରକ୍ଷା ବିଧି, ବାହୁଡ଼ାଯାତ୍ରା, ଲକ୍ଷ୍ମୀନାରାୟଣ କଳି ଇତ୍ୟାଦି କବିଙ୍କ ଲେଖନୀରେ ଚମତ୍କାର ରୂପ ଧାରଣ କରିଛି । ଏହା ବ୍ୟତୀତ ଶୟନ ଉତ୍ସବ, ଦକ୍ଷିଣାୟନ ଉତ୍ସବ, ଓଢ଼ଣ ଉତ୍ସବ, ଉତ୍ତରାୟଣ ଉତ୍ସବ ଓ ପାର୍ଶ୍ୱପରିବର୍ତ୍ତନ ଉତ୍ସବର ବର୍ଣ୍ଣନା "ଯାତ୍ରାକଦମ୍ବ" କାବ୍ୟଟିକୁ ଅତ୍ୟନ୍ତ ସାଫଲ୍ୟମଣ୍ଡିତ କରିଛି । କାବ୍ୟଟି ଆମୂଳାନ୍ତ ଭକ୍ତିରସ ପରିପୂର୍ଣ୍ଣ । ପାଠକ, ଭକ୍ତ, ଜ୍ଞାନୀ, ଗୁଣି ଏହାକୁ ପାଠ କଲାବେଳେ ସେ ନିଜକୁ ଏହି କାବ୍ୟ ସାଗରର ଭକ୍ତି ଜଳରେ ନିମଜ୍ଜିତ କରେ । ପୁଣି ମଙ୍ଗଳଗୁଜରୀ, ଆଷାଢ଼ଶୁକ୍ଳ, ଦେଶାକ୍ଷ, ଆହାରୀ, ଚକ୍ରକେଳୀ, କଳସା, ବଙ୍ଗଳାଶ୍ରୀ ଆଦି ବିଭିନ୍ନ ରାଗରେ



EMERALD
EDUCATION
+2 Science
+3 Science
(Hons & Pass)

Hostel For Boys & Girls
SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966


ଶାରଦୀୟ ଶୁଭେଚ୍ଛା
ଓଡ଼ିଶାର ସମସ୍ତ ଅଧିବାସୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ମା'ଙ୍କ ଶ୍ରୀଚରଣରେ ଆପଣମାନଙ୍କର ସୁଖ ସମୃଦ୍ଧି କାମନା କରୁଛି
ଡ. ବିଶ୍ୱଭୂଷଣ ମହାନ୍ତି
ଆସିଷ୍ଟାଣ୍ଟ ପ୍ରଫେସର, ସମ୍ ହସ୍ପିଟାଲ୍

ଏହି କାବ୍ୟର ଛାନ୍ଦଗୁଡ଼ିକ ରଚନା କରାଯାଇଥିବାରୁ ଏହା ଆପାତତଃ ସୁଖପାଠ୍ୟ ହୋଇପାରିଛି । ଏହାର ସାଙ୍ଗୀତିକତା ବିଷୟରେ ଦ୍ୱିମତ ହେବାର ନୁହେଁ ।


'ଯାତ୍ରାକଦମ୍ବ'ର ଅନ୍ୟ ଏକ ବିଶିଷ୍ଟ ଦିଗ ହେଉଛି ଏହି କାବ୍ୟ ପ୍ରସଙ୍ଗରେ ପ୍ରକାଶ ପାଇଥିବା ଓଡ଼ିଶୀ ଭାବଧାରା । କବି ଦୀନଦାସ ମାନବିକତାର ଆରୋପ କରିଛନ୍ତି ଶ୍ରୀଜଗନ୍ନାଥଙ୍କ ଠାରେ । ସତେ ଯେପରି ଜାଗତିକ ମଣିଷଭଳି କାଳିଆ ବିଜେ କରିଛି ନୀଳାଚଳରେ । ଏତେପରିମାଣରେ ମାନବିକତାର ଆରୋପଣ ସ୍କନ୍ଦପୁରାଣରେ ଦେଖାଯାଏ ନାହିଁ । ଜାଗତିକ ମଣିଷ ନିଜର ଚାଲିଚଳଣୀ ରୀତି, ନୀତି, ଆଚାର, ବ୍ୟବହାର ଖାଦ୍ୟପୋଷାକ ଅନୁରୂପ ଜଗନ୍ନାଥଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଛି । ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା, ସ୍ନାନଯାତ୍ରା, ପତ୍ନୀ ଲକ୍ଷ୍ମୀଦେବୀଙ୍କ ସହ କଳି, ଶୀତକାଳରେ ବସ୍ତ୍ର ପରିଧାନ, ଶୟନ ପାର୍ଶ୍ୱପରିବର୍ତ୍ତନ ତଥା ଚନ୍ଦନଯାତ୍ରାରୁ ଏହା ସ୍ପଷ୍ଟରୂପେ ଜଣାପଡେ । ମଣିଷ ନିଜ ଖାଦ୍ୟ ଅନୁରୂପ ଶ୍ରୀଜଗନ୍ନାଥଙ୍କୁ ପ୍ରଦାନ କରନ୍ତି ଖିରୀ, ଖିରୀସା, କାକରା. ଆରିସା, ଲଡୁ ପୁଣି ସେ ପ୍ରଦାନ କରିଛି ସୁଗନ୍ଧ ଧୂପ, ଦୀପ, ନୈବେଦ୍ୟ । ଏପରିକି ଭୋଜନ ପରେ ତାମ୍ବୁଳ ପ୍ରଦାନ କରିବା ପାଇଁ ମଧ୍ୟ ସେ ଭୁଲିଯାଇ ନାହିଁ । ତେଣୁ ଏହିସବୁ ବର୍ଣ୍ଣନାରୁ ଓଡ଼ିଆ ଘରର ଚଳଣୀ ବିଷୟରେ ସ୍ପଷ୍ଟ ଅନୁଭବ କରିହୁଏ ।

କାବ୍ୟ ବର୍ଣ୍ଣନା ପ୍ରସଙ୍ଗରେ କାବ୍ୟକାରଙ୍କର ନିଷ୍ଠା ତଥା ଭକ୍ତି ବିଷୟରେ ମଧ୍ୟ ଅନୁମାନ କରିହୁଏ । ବିଭିନ୍ନ ଯାତ୍ରା ପ୍ରସଙ୍ଗରେ କବି ବାରମ୍ବାର ସାଂସାରିକ ମଣିଷକୁ ସତର୍କ କରାଇ ଦେଇଛନ୍ତି ଯେ ଯାତ୍ରା ଦର୍ଶନ କଲେ ପାପ ନଷ୍ଟ ହୁଏ, ପୁଣ୍ୟ ପ୍ରକାଶିତ ହୁଏ ଏପରିକି ଜନନୀର ଗର୍ଭରେ ଆଉ ଆଶ୍ରୟ ନେବାକୁ ପଡ଼େନାହିଁ । ସ୍କନ୍ଦପୁରାଣରେ ଲେଖାଅଛି –

"ସେ ଯଦି କରଇ ସ୍ନାନମଂଚେ ଦରଶନ
ତାହାରି ସକଳ ପାପ ହୁଅଇ ଦହନ
ଜନନୀର ଗର୍ଭଜଳେ ସେ ନକରେ ସ୍ନାନ
ଏ କଥା ନିଶ୍ଚୟ ଶୁଣିଥାଅ ଋଷିଗଣ ।"

ଅନୁରୂପ ଭାବରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଯାତ୍ରା ଦର୍ଶନ କାଳରେ ଗୋହତ୍ୟା, ବ୍ରହ୍ମହତ୍ୟା ନାଶହୁଏ ଏବଂ ଆତ୍ମା ବିଷ୍ଣୁଲୋକ ଗମନ କରେ ବୋଲି କବି ବର୍ଣ୍ଣନା କରିଛନ୍ତି । 'ଯାତ୍ରାକଦମ୍ବ' ଶ୍ରୀଜଗନ୍ନାଥଙ୍କର ବାରଯାତ୍ରାକୁ କେନ୍ଦ୍ରକରି ପରିପୃଷ୍ଟ ହୋଇଥିବା ଏକ ଖଣ୍ଡକାବ୍ୟ ହେଲେ ମଧ୍ୟ ଏହା ଯେ ବିଭିନ୍ନ କାବ୍ୟକ ବିଭାଗରେ ବିଭାସିତ ଏକ କଳ୍ପବଟ ଏଥିରେ ସନ୍ଦେହ ନାହିଁ ।

ଏନ.ଜି.ସି. (୧), ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ
ଭୁବନେଶ୍ୱର



**ଶାରଦୀୟ ଶୁଭେଚ୍ଛା**

**ଓଡ଼ିଶାର ସମସ୍ତ ଅଧିବାସୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ମା'ଙ୍କ ଶ୍ରୀଚରଣରେ ଆପଣମାନଙ୍କର ସୁଖ ସମୃଦ୍ଧି କାମନା କରୁଛି**

**ଡ. ମନୋଜ ମହାନ୍ତି**

**ମହାନଦୀ ବିହାର, କଟକ**

# ଦହନ

ଶ୍ରୀ ସୁଧୀର କୁମାର

ମଣିଷ ବଞ୍ଚି ରହେ ଅପୁରନ୍ତ ଅଶାକୁ ନେଇ ଖାଦ୍ୟ ଶରୀରକୁ ଯୋଗାଏ ପୃଷ୍ଟି ଏବଂ ମନକୁ ଆଶା ଯୋଗାଏ ବଞ୍ଚିବାର ଖୋରାକ । ଯେଉଁ ମଣିଷର ଆଶା ନାହିଁ ସେ କେଉଁଦିନୁ ଚାଲିଗଲାଣି ନିଛାଟିଆ ପାହାଡ଼ି ଖୋଲକୁ ଯୋଗୀ ସାଜି । ତାର ଏ ସଂସାର ପ୍ରତି ଲୋଭ ନାହିଁକି, ମୋହ ନାହିଁ ଏ ମାଂସଳ ଜୀବନ ପ୍ରତି । ଭଗବାନଙ୍କ ସାନିଧ୍ୟକୁ ପାଥେୟ କରି ସେ ବଞ୍ଚିରହିଛି । ଏକଲୟରେ ସେ ଲୀଳାମୟଙ୍କୁ ଧ୍ୟାନ କରିତାଙ୍କ ସାଥିରେ ମିଶିଯିବାକୁ ଚାହେଁ ।

ସେଦିନ ସେ ଅଙ୍କାବଙ୍କା ଧୂଳିଧୂସରିତ ମାଟି ସଡ଼କ ଉପରେ ଗଡ଼ିଚାଲିଥିଲା ବିଶ୍ବସାର୍‌ଙ୍କ ପୁରୁଣା ସାଇକେଲ୍‌ଟି । ଧୋତୀକାମିଜି ସାଙ୍ଗକୁ ସାର୍‌ଙ୍କ ପାଦରେ ଥିଲା ହଳେ ଧୂଳି ଧୂସରିତ ଚପଲ । ଧୋତୀକୁ ଆଣ୍ଠୁ ପର୍ଯ୍ୟନ୍ତ ଉଠିଥିଲା । ପାଦସାରା ଖାଲି ଧୂଳି । ପୁରୁଣା ସାଇକେଲ୍ ଟା ରଙ୍ଗଛାଡ଼ି କିପରି ବାଦାମୀ ରଙ୍ଗପରି ଦେଖାଯାଉଥିଲା । ବିଶ୍ବସାର୍ ପେଡେଲ୍ ଉପରେ ପାଦଚାପି, ଚାପି ଧିରମନ୍ଥର ଗତିରେ ଗତି କରୁଥିଲେ ସ୍କୁଲ୍ ଅଭିମୁଖେ, ଚିନ୍ତାଶୀଳ ମୁଖମଣ୍ଡଳରେ ଝାଳର ବିନ୍ଦୁ ବିନ୍ଦୁ ଆହୁରିଚିନ୍ତାଶୀଳ କରୁଥିଲା ମୁଖମଣ୍ଡଳକୁ ।

ପିଲାଟିଏ ସାର୍‌କୁ ଦୂରରୁ ଦେଖି ବଡ଼ପାଟିରେ କହିଦେଲା - ସାରେ୍ ଆସିଗଲେ, ଛୋଟ ଛୋଟ ପିଲାଗୁଡ଼ିକ ବ୍ୟାଗକୁ କାନ୍ଧରେ ପକାଇ ସ୍କୁଲ୍‌ଗୃହ ଆଡ଼କୁ ଦୌଡ଼ିଲେ । ପିଲାମାନଙ୍କ କୁନିକୁନି ପାଦରେ ଦୌଡ଼ିଲେ ସେ ଯେଉଁ ଭଙ୍ଗୀ, ଦେଖଣାହାରି ଯେ ସେ ଠିକ୍ ହୃଦୟଙ୍ଗମ କରିପାରିବ । କିଛିସମୟ ପାଇଁ ନିରବତା ଭଙ୍ଗାକରି ଖାଲି ଶବ୍ଦତରଙ୍ଗରେ ସୃଷ୍ଟି ହେଲା, ପିଲାଙ୍କ ବସ୍ତାନି ମଧ୍ୟରେ ଥିବା ଶିଲଟ ଖଡ଼ିର ମୃଦୁ ସ୍ପନ୍ଦନ, ଖଡ଼ ଖଡ଼ ଶବ୍ଦ । ସ୍କୁଲ୍ ଗୃହଟି କେଉଁକାଳରୁ ଗାଁ ମୁଣ୍ଡରେ ଠିଆ ହୋଇଛି ତାହା କେବଳ ଗାଁର ପୁରୁଖା ଲୋକଙ୍କ ମୁଖରୁ ଶୁଣିବାକୁ ମିଳେ । ଆଗେ ଯେଉଁ ଖପର ଗୃହରେ ଭାଗବତ ଟୁଙ୍ଗୀର ସ୍ଥାପନ ହୋଇଥିଲା, ତାହାକୁ ଲଗାଇ ଆଉ ଦୁଇବଖରା ଘର କାଳର କରାଳ ଗତିରେ ସ୍କୁଲ୍‌ଗୃହରେ ପରିଣତ ହୋଇଥିଲା । ତାହାରି ବୁକୁରେ ପ୍ରାରମ୍ଭିକ ବିଦ୍ୟାସାରି କେତେଛାତ୍ର ଚାଲିଗଲେଣୀ ସହରକୁ । କେତେ ବଡ଼ ଅଫିସର ହେଲେଣି ତାର ମୁଖ ସାକ୍ଷୀ ସେ ପୁରାତନ ସ୍କୁଲ୍‌ଗୃହ ।

ବିଶ୍ବସାର୍ ସେ ଗାଁର ବାଇସିବର୍ଷର ଶିକ୍ଷକ ତାଙ୍କର ଥରେ ବଦଳି ହେଲେ ଗାଁ ଲୋକେ ଯାଇ ସାର୍‌ଙ୍କୁ ରଖିବା ପାଇଁ ବି.ଡି.ଓ. ପାଖରେ ଗୁହାରୀ କରନ୍ତି । ଦରକାର ପଡ଼ିଲେ ଧାରଣା ମଧ୍ୟ ଦେଇଛନ୍ତି । ଆମ ଗାଁ ସ୍କୁଲ୍ ପାଇଁ ବିଶ୍ବ ସାର୍ ହିଁ ଠିକ୍ । ବିଶ୍ବସାର୍ ସେହି ଗାଁରେ ଯୌବନରୁ ବାର୍ଦ୍ଧକ୍ୟରେ ଉପନିତ । ଗାଁ ଏମୁଣ୍ଡରୁ ସେ ମୁଣ୍ଡକୁ ଚାଲିଗଲେ ସମସ୍ତେ ନମସ୍କାର କରନ୍ତି ବିଶ୍ବ ସାର୍‌ଙ୍କୁ । ପୁନିଅ, ପରବ, ଆଉ ବିବାହ, ବ୍ରତ, ବିଶ୍ବସାର୍‌ଙ୍କ ଅନୁପସ୍ଥିତିରେ ହେବା ଅସମ୍ଭବ । ବିଶ୍ବସାର୍ ସବୁ ସୁଚାରୁ ରୂପେ ପରିଚାଳନା କରନ୍ତି ।

ସେଦିନଥିଲା ବୈଶାଖର ଏକ ଦାରୁଣ ଦିବସ । ସାର୍ କ'ଣ ଯାଣିଥିଲେ ତାଙ୍କର ଆଜି ସ୍କୁଲ୍‌ରେ ଶେଷଦିନ ! ସେ ସାଇକେଲ୍‌ଟିକୁ ବାରଣ୍ଡାରେ ଆଉଯାଇ ସ୍କୁଲ୍‌ପାଖ ପୋଖରୀରୁ ପରିଷ୍କାର ହୋଇ ଗୋଡ଼ହାତ ଧୋଇ ଆସିଲେ । ଗାମୁଛାରେ ମୁଖ ପୋଛୁ ପୋଛୁ ପଶିଆସିଲେ ସ୍କୁଲ୍‌ଗୃହ ମଧ୍ୟକୁ । ଶ୍ରେଣୀ ଗୃହରେ ଉପସ୍ଥାନ ପକାଇବା ସମୟରେ ସେ କ'ଣ ଜାଣିଥିଲେ ଆଜି ତାଙ୍କର ଶେଷ ଉପସ୍ଥାନର ସେ କ'ଣ ଜାଣିଥିଲେ କେତେଜଣ ନିଷ୍ପାପ ଶିଶୁଙ୍କ ସହିତ ସଲିଳ ସମାଧି ନେବେ ଆଉକିଛି ସମୟ ବ୍ୟବଧାନରେ ।

ନିତ୍ୟନିମିତ୍ତ ପରି ସେଦିନ ପିଲାମାନଙ୍କୁ ନେଇ ତାଙ୍କର ଆଜି ଆଦର ଗୋଲାପ, ହେନା ବୃକ୍ଷରେ ପାଣିଦେଇଥିଲେ । ତାଙ୍କର ପୂର୍ବପରିଚିତ କୁକୁର ତାଙ୍କ ପଛେ ବୁଲୁଥିଲା । ଗାଁର ସେ କାଳିଆ କୁକୁରଟା ମଧ୍ୟ ପିଲାଙ୍କ ସହିତ ରୁଟିନିରେ ପଡିଯାଇଥିଲା । ସ୍କୁଲ୍ ଘଣ୍ଟାର ଶବ୍ଦରୁ ସେ ଯାଣିପାରିଲେ । ଯେଉଁଠି ଥିଲେବି ଦୌଡ଼ି ଆସି ଉପସ୍ଥିତ ହୁଏ । ସାର୍‌ଙ୍କ ପାଦକୁ ଚାଟି ଆଶ୍ରି ଭିକ୍ଷା କରୁଥିଲା । ସାରେ୍ ସବୁଦିନ ପରି କାଗଜରେ ବାନ୍ଧି ଆଣିଥିବା ବିସ୍କୁଟ୍‌ଟିକୁ ଉଦରସ୍ତ କରୁଥିଲା କାଳିଆ କୁକୁର । ପିଲାମାନଙ୍କ ପ୍ରାର୍ଥନା ସଭାରେ ସେ ଯୋଗ ଦେଉଥିଲା । ପିଲାମାନଙ୍କ ଆହେଦୟାମୟ ବିଶ୍ୱବିହାର ପ୍ରାର୍ଥନା ସ୍ୱର ସହିତ ସ୍ୱରମିଳାଇ ଭୋ..... ଭୋ... ଭୁକିଉଠୁଥିଲା । ସ୍କୁଲ୍ ଛୁଟିରେ ସମସ୍ତଙ୍କୁ ବିଦାୟ ଦେଇ ସ୍କୁଲ ବାରଣ୍ଡାରେ ତାର ଆସ୍ଥାନ ଜମାଉଥିଲା କାଳିଆ ।

ଭୟଙ୍କର ବିପଦ ଘଟିବାର କିଛି ସମୟ ପୂର୍ବରୁ ପଶୁପକ୍ଷୀମାନେ ଯାଣିପାରୁଥିଲେ ବର୍ଣ୍ଣିତ ଅଛି । ସେଦିନ କୁକରଟିର ଚକ୍ଷୁପୁରି ରହିଥିଲା ଲୋତକରେ । ସେ ପୂର୍ବରୁ କ'ଣ ଘଟିବ ତାହା ଯାରିପାରିଥିଲା । କୁକୁରଟି ସାର୍‌ଙ୍କ ପାଖ ଛାଡ଼ି ଯାଉନଥିଲା । ସାର୍ ବିଚାର ପରିଦର୍ଶ କରସାରି ଶ୍ରେଣୀଗୃହକୁ ପ୍ରବେଶ କଲେ । କାଳିଆ ମଧ୍ୟ ସାର୍‌ଙ୍କ ପଛେ ପଛେ ଆସି ବସିଛି ଦ୍ୱାର ସମ୍ମୁଖରେ ।

ହଠାତ୍ ଘୋଟି ଆସିଲା ଘନ ଅନ୍ଧକାର । ଗୋଟିଏ ନିମିଷରେ ଉଠିଲା ସର୍ବଗ୍ରାସୀ ଘୂର୍ଣ୍ଣିବାତ୍ୟା । କ୍ଷଣକରେ ଧ୍ୱଂସହେଲା ସ୍କୁଲ୍ ଗୃହଟି । କେତେଜଣ ଶିଶୁଙ୍କ ସହିତ ଗୃହମଧ୍ୟରେ ଚାପି ହୋଇଗଲେ ବିଶୁସାର୍ । ସମୟ କାହାକୁ ଅପେକ୍ଷା କଲାନି । ପ୍ରବଳ ଘୂର୍ଣ୍ଣିବାତ୍ୟାରେ ଧ୍ୱଂସ ସ୍ତୂପରେ ପରିଣତ ହେଲା, ପୁରାତନ ସେହି ଖପର ସ୍କୁଲ ଗୃହଟି । ଆଉ ସାଥିରେ ଚାପିଦେଲା ବିଶୁସାର୍‌ଙ୍କ ପରି ସେହି ଅମ୍ଳାନ ବ୍ୟକ୍ତିତ୍ୱଙ୍କୁ । କେତେଜଣ ଶିଶୁ ମଧ୍ୟ ଆଉ ଗୃହକୁ ପ୍ରତ୍ୟାବ ର୍ତ୍ତନ କଲେନି । ସେ ମଧ୍ୟ ସେହି ଧ୍ୱଂସସ୍ତୂପ ତଳେ ଚିରନିଦ୍ରା ଗଲେ ସାର୍‌ଙ୍କ ସାଥିରେ । ସେମାନେ ତାଙ୍କ ମାଆମାନଙ୍କ ଠାରୁ ବିଦାୟ ନେଇ ଆସିଥିଲେ ବୋଧେ । କେଉଁଆଡେ କିଛି ନଥିଲା, ହଠାତ୍ ପ୍ରଳୟଙ୍କରୀ ପବନ ସାଥିକୁ ମାଡ଼ିଆସିଲା, ବର୍ଷା ଓ ତୋଫାନ । କାଳିଆ ବ ଞ୍ଚି ଯାଇଥିଲା, ଭୋ... ଭୋ... ହୋଇ ସେ କାନ୍ଦୁଥିଲା । ତା ହୃଦୟ ମଧ୍ୟରେ ଆନ୍ଦୋଳିତ ହେଉଥିଲା ପ୍ରଶ୍ନପରେ ପ୍ରଶ୍ନ । କାହାର କ'ଣ ଦୋଷ କରିଥିଲେ ବିଶୁ ସାରେ, ଆଉ ଏ ନିଷ୍ପାପ ଶିଶୁ କେତେଜଣ ? ସେ ଆର୍ତ୍ତ ଚିତ୍କାର କରୁଥିଲା, ସେ କିଛି ବୁଝୁନଥିଲା । ସେ ସେହିଠାରେ ବସିରହି ଖାଲି ଭୁକୁଥିଲା ତଳେ ମୁଖକୁ ପିଟିପିଟି । ସାର୍‌ଙ୍କ ଶବ ଯେତେବେଳେ ମାଟିଗଦାତଳୁ ଆବିଷ୍କାର ହେଲା ସମସ୍ତଙ୍କ ସହିତ ସେ ମଧ୍ୟ ବିକଳରେ କାନ୍ଦୁଥିଲା । ଆଉ କାଲି ତା' ପାଇଁ କେହି ବିସ୍କୁଟ୍ ଆଣିବେନି, ରବିବାର ପରି ସବୁଦିନ ବନ୍ଦ ହୋଇଯିବ ତା'ର ବିସ୍କୁଟ୍ ଖିଆ ।




ଶାରଦୀୟ ଶୁଭେଚ୍ଛା

ଓଡ଼ିଶାର ସମସ୍ତ ଅଧିବାସୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ମା'ଙ୍କ ଶ୍ରୀଚରଣରେ ଆପଣମାନଙ୍କର ସୁଖ ସମୃଦ୍ଧି କାମନା କରୁଛି

ଡ. ରଞ୍ଜନ କୁମାର ଜତି

ଆସିଷ୍ଟାଣ୍ଟ ପ୍ରଫେସର, କ୍ରିମ୍ସ କଲେଜ୍

ସବୁ ସରିଗଲା, ଶିଶୁର ନିସ୍ତେଜ ଶରୀର ଦେଖି ମଆଟିଏ ପାଗଳୀ ହୋଇଗଲା । ତା'ପୁଅ କହିଯାଇଛି ଖେଳଛୁଟିରେ ଆସିଲେ ଖିରୀ ଖାଇବ ବୋଲି । ତା'ପାଇଁ ଯତ୍ନ ସହକାରେ ସେ ଖିରି କରିଛି । ତା'ପୁଅର ଆଶା ସେ ସ୍କୁଲ୍‌ରୁ ଫେରି ଖିରୀ ଖାଇବ, କିନ୍ତୁ ସେ ଆଉ ଫେରିନି । ଖିରିର ସୁଗନ୍ଧିତ ବାସ୍ନା ତାକୁ ସବୁଦିନପରି ବିମୋହିତ କରିନି । ସେ ଚାଲିଯାଇଛି ସମସ୍ତ ବନ୍ଧନ ତୁଟାଇ । ଅଳରା ବଳରା ବାଳକୁ ମୁଖରେ ସାଲୁବାଲୁ କରି ସେ ଶୋଇଯାଇଛି । ଅନ୍ୟ ମୃତ ଶିଶୁଙ୍କ ନିକଟରେ । ଶିଶୁମାନଙ୍କର ଶାନ୍ତ ମୁଖମଣ୍ଡଳ ଦେଖି ମାଆମାନେ ଚିତ୍କାର କରିଉଠୁଛନ୍ତି ।

ବିଶ୍ୱସାର୍‌ଙ୍କ ସଂସାର ଭାସିଯାଇଛି । ତାଙ୍କର ଚିର ସ୍ୱପ୍ନଭାଙ୍ଗିଯାଇଛି । ତାଙ୍କର ମୃତ୍ୟୁର କରୁଣ ଦୃଶ୍ୟ ସମସ୍ତଙ୍କୁ ଦୁଃଖ ଦେଇଛି । ତାଙ୍କ ସ୍ତ୍ରୀ କାନ୍ଦି କାନ୍ଦି ପାଗଳି ହୋଇଯାଇଛି, ବିଶ୍ୱ ସାରେ ଚୋରେଟି ଝିଅର ଜନକ ହୋଇ ସେମାନଙ୍କୁ ଛାଡ଼ି କେଉଁ ଦୂର ରାଇଜକୁ ଚାଲିଯାଇଛନ୍ତି । ସୁଖ ନିଦ୍ରାତାଙ୍କର ଚିରନିଦ୍ରାରେ ପରିଣତ ହୋଇଛି । ଭଙ୍ଗାଗଢ଼ାର ସଂସାର ମଧ୍ୟରେ ସ୍ୱଳ୍ପଦରମାରେ ଚାରୋଟି ଝିଅଙ୍କୁ ପାଠ ପଢ଼ାଇବା, ତାଙ୍କ ପକ୍ଷରେ କଷ୍ଟକର ହେଉଥିଲେ ମଧ୍ୟ, ସେ ଦୁଃଖକୁ କେଉଁଦିନ ଅନ୍ୟ ଆଗରେ ପ୍ରକାଶ କରୁନଥିଲେ । ତାଙ୍କର ବଡ଼ଝିଅ ସୋନୁ ସ୍ନାତକୋତ୍ତରରେ ଡିଗ୍ରୀ ହାସଲ କରିଛି । ସୋନୁ ବ୍ୟତୀତ ଆଉ କିଏ ଅଛିତାର ମାଆକୁ ବୁଝାଇବାକୁ ।

ବିଶ୍ୱସାର୍ ଙ୍କ ସ୍ତ୍ରୀ ଗାଳି ଦେଉଥିଲା ସେହି ସତ୍ୟାନାସିଆ ବୈଶାଖୀ ବାତ୍ୟାକୁ । ତାଙ୍କମନରେ ଅଶେଷ କାରୁଣ୍ୟ ପ୍ରଶ୍ନବାଚକ, କ'ଣ ତାଙ୍କର ଦୋଷ ଥିଲା ? ନିଦାରୁଣ ବାତ୍ୟା ତାଙ୍କୁ ନେଇଗଲୁ । ତାଙ୍କ ସାଥିରେ ନେଇଗଲୁ ଏ ନିଷ୍ପାପ ଶିଶୁଙ୍କୁ ! ଚିତା ଉପରକୁ ଗଲା ବିଶ୍ୱ ସାର୍‌ଙ୍କ ସେହି ଧୋତି କାମିଜି ପିନ୍ଧା ଶରୀରଟା । ମିଶିଗଲା ସେହି ନୀଳ ଆକାଶରେ । ହଜାର ହଜାର ଅଶ୍ରୁମୁଖର ନୟନ ଆଗରେ ଅଗ୍ନି ସଂଯୋଗ ହେଲା ବିଶ୍ୱସାର୍‌ଙ୍କ ଚିତାରେ । ତାଙ୍କ ସ୍ତ୍ରୀ ମଧ୍ୟ ଚାହୁଁଥିଲେ ସେହି ଗାଁ ମାଟିରେ ତାଙ୍କର ଚିତା ଜଳୁ । ନିଷ୍ପାପ ଶିଶୁମାନଙ୍କର ମଧ୍ୟ ସତ୍କାର ହେଲା ବିଶ୍ୱ ସାର୍‌ଙ୍କର ଚିତା ଲେଲୀହାନ ଅଗ୍ନିବର୍ଷଣ କରି ନିମିଷକେ ପାଉଁସ ପାଲଟିଗଲା ହଜାର ହଜାର ନରନାରୀ ଚାହିଁରହିଥିଲେ ସେହି କରୁଣ, ଦୟାଶୀଳ ଶରୀରର ଶେଷ ଦହନକୁ ।

ସଂଗଠନ ସମ୍ପାଦକ, ଉଦୟଭାନୁ ସାହିତ୍ୟ ସଂସଦ

ମଧୁପାଟଣା, କଟକ-୧୦

୦୦୦୦୦



ଶାରଦୀୟ  ଶୁଭେଚ୍ଛା

ଓଡ଼ିଶାର ସମସ୍ତ ଅଧିବାସୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ମା'ଙ୍କ ଶ୍ରୀଚରଣରେ ଆପଣମାନଙ୍କର ସୁଖ ସମୃଦ୍ଧି କାମନା କରୁଛି

ଶୁଭ୍ରା କାନୁନ୍‌ଗୋ
ନୂଆ ବଜାର କଟକ




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ